## ସଂକ୍ଷେପରେ

### ଏକାମ୍ର ସାହିତ୍ୟ ସଂସଦ ପକ୍ଷରୁ ସାହିତ୍ୟ ଉତ୍ସବ

**ଭୁବନେଶ୍ୱର, ୩୦।୩ (ବନ୍ଦନା ସେଠୀ)**

ଏକାମ୍ର ସାହିତ୍ୟ ସଂସଦ, ଭୁବନେଶ୍ୱରର ମାସିକ ସାହିତ୍ୟକୁ ତଥା ଗଳ୍ପ/କବିତା ପାଠ ଉତ୍ସବ ଖଣ୍ଡଗିରିସ୍ଥିତ ଖାରବେଳ ପାର୍କ ଖୋଲାମଞ୍ଚରେ ଅନୁଷ୍ଠିତ ହୋଇଯାଇଛି। ସଂସଦର ଉପସଭାପତି ଦୁର୍ଯ୍ୟୋଧନ କାଠୁଆ ଅଧ୍ୟକ୍ଷତା କରି କବି ଓ ଲେଖକମାନଙ୍କ ଲେଖା ଉପରେ ସଂକ୍ଷିପ୍ତ ଆଲୋଚନା କରିଥିଲେ। ଏଥିସହ ସାହିତ୍ୟ କିପରି ଜୀବନର ଆଲେଖ୍ୟ ଓ ବାସ୍ତବ ଜୀବନର ପ୍ରତିଫଳନ ତାହା ଉପରେ ଆଲୋକପାତ କରିଥିଲେ। ସାଧାରଣ ସମ୍ପାଦକ ହଂସନାଥ ମୁଦୁଲି ସ୍ୱାଗତ ଭାଷଣ ଦେଇଥିବାବେଳେ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ ଗୀତିକବି କୁଳମଣି ମହାନ୍ତି। କାର୍ଯ୍ୟକ୍ରମରେ ବ୍ରତତୀ ଚାଟାର୍ଜୀ ଜଗନ୍ନାଥ ଭଜନ ପରିବେଷଣ କରିଥିବାବେଳେ, ପ୍ରକାଶ ଚନ୍ଦ୍ର ମିଶ୍ର, ରତ୍ନାକର ରାଉତରାୟ, ସୋମନାଥ ସୁନ୍ଦରାୟ, ଅନୀଲ କୁମାର ବିଶୋୟୀ, ଗିରିଧାରୀ ସାହୁ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ସେହିପରି ପ୍ରଭାତ ରଞ୍ଜନ ପରିଡା ୧୯୯୯ ବାତ୍ୟା ଉପରେ ଏକ ଆଲେଖ୍ୟ, କୁଳମଣି ମହାନ୍ତି ଗଳ୍ପ ଏବଂ ହଂସନାଥ ପ୍ରବନ୍ଧ ପାଠ କରିଥିଲେ।

### ମୂଲ୍ୟବୋଧ ସାହିତ୍ୟ ଜୀବନକୁ ଉତ୍ତରିତ କରିଥାଏ

**ଭୁବନେଶ୍ୱର, ୩୦।୩ (ବନ୍ଦନା ସେଠୀ)**

ଓଡ଼ିଶା ଲେଖିକା ସଂସଦର ୩୧ତମ ବାର୍ଷିକ ଉତ୍ସବ ସୂଚନାଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ଡ. କୁମାରବର ଦାସ ଯୋଗଦେଇ, ସାହିତ୍ୟର ମୂଲ୍ୟବୋଧ ଉପରେ ବିଚାର ବିମର୍ଶ କରିଥିଲେ। ମୂଲ୍ୟବୋଧ ସାହିତ୍ୟ ଓ ଜୀବନକୁ ଉତ୍ତରିତ କରିବା ସହ ଶାନ୍ତି ପ୍ରଦାନ କରିଥାଏ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଡ. ରମେଶଚନ୍ଦ୍ର ପାଣି ରାମାୟଣରୁ ଉଦାହରଣ ଦେଇ ଶ୍ରୀରାମ ଓ ରାବଣ ଉଭୟ ମାନବ ଭିତରେ ଅଛନ୍ତି ବୋଲି କହିଥିଲେ। ଏହି ଅବସରରେ ବୀଣାପାଣି ମହାନ୍ତିଙ୍କୁ ସ୍ମୃତି ସମ୍ମାନ କରାଯାଇଥିଲା। ରମାଦେବୀ ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ଡ. ସଂଘମିତ୍ରା ଭଞ୍ଜ ସମ୍ମାନିତ ବକ୍ତା ଭାବେ ଯୋଗଦେଇ, ଜୀବନ ପ୍ରେମ ଓ ସଦ୍‌ଭାବନା ଉପରେ ପ୍ରତିଷ୍ଠିତ ବୋଲି କହିଥିଲେ। ପରେ ୨୬ଜଣଙ୍କୁ ପ୍ରତିଭା ମାନଙ୍କୁ ସମ୍ମାନିତ କରାଯାଥିଲା। ସମ୍ପାଦିକା ଡ. ଶକୁନ୍ତଳା ବଳିଆରସିଂହ ବିବରଣୀ ପାଠ ସହ ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗୋଲାପ ମଞ୍ଜରୀ କର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ, ଯୁଗ୍ମ ସମ୍ପାଦିକା ବୀଣାପାଣି ସାହୁ ସଭା ଆବାହନ କରିଥିଲେ। ଅନ୍ୟତମ ଯୁଗ୍ମ ସମ୍ପାଦିକା କାନନବାଳା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଡ ସୁଚେତା ରାଉତ ବିଶେଷ ବିବରଣୀ ପାଠ କରିଥିଲେ।

### ମଦ ଜବତ, ବ୍ୟବସାୟୀ ଗିରଫ

ଚୌଦ୍ୱାର,୩୦।୩(ଆଶୁତୋଷ ଦାସ): ଚୋରା ମଦ ବିକ୍ରି ଅଭିଯୋଗରେ ଚୌଦ୍ୱାର ପୋଲିସ ଶନିବାର ଜଣେ ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ମହିସାଲଣ୍ଡା ଗ୍ରାମର ପବିତ୍ର କୁମାର ବେହେରା। ତାଙ୍କ ନିକଟରୁ ୫୦ ଲିଟର ଦେଶୀ ମଦ ଜବତ କରାଯାଇଛି। ପବିତ୍ର ଚୋରାରେ ମଦ ବେପାର କରୁଥିବା ଖବର ପାଇବା ପରେ ଶୁକ୍ରବାର ପୋଲିସ ଚଢ଼ାଉ କରିଥିଲା। ଏନେଇ ଥାନାରେ ଏକ ମାମଲା(ନଂ.୧୬୧/୨୪) ରୁଜୁ ହୋଇଛି।

# ଅପରାହ୍ଣ ୩ଟା ୩୦ରେ ରଥଟଣା

**ପୁରୁଣା ଭୁବନେଶ୍ୱର,୩୦।୩ (ସୁବାସ ଚନ୍ଦ୍ର ପ୍ରଧାନ)**

## ଶ୍ରୀଲିଙ୍ଗରାଜଙ୍କ ଅଶୋକାଷ୍ଟମୀ ରଥଯାତ୍ରା ପ୍ରସ୍ତୁତି ବୈଠକ



ଆସନ୍ତା ଏପ୍ରିଲ ୧୬ ତାରିଖରେ ମହାପ୍ରଭୁ ଲିଙ୍ଗରାଜଙ୍କ ଅଶୋକାଷ୍ଟମୀ ରଥଯାତ୍ରା। ଏହି ରଥଯାତ୍ରାର ସୁପରିଚାଳନା ନିମନ୍ତେ ଜିଲାପାଳ ଚଞ୍ଚଳ ରାଣାଙ୍କ ଅଧ୍ୟକ୍ଷତାରେ ଶନିବାର ସ୍ଥାନୀୟ ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଚଳିତ ବର୍ଷ ଶୃଙ୍ଖଳିତ ଭାବେ ଜାଗର ଯାତ୍ରା ହୋଇଥିବାରୁ ସେବାୟତ ଓ ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କୁ ଜିଲାପାଳ ଧନ୍ୟବାଦ ଦେଇଥିଲେ। ଅଶୋକାଷ୍ଟମୀ ରଥଯାତ୍ରା ନିମନ୍ତେ ଜିଲାପାଳ ସମସ୍ତଙ୍କର ସହଯୋଗ ଲୋଡ଼ିଥିଲେ। ଏହି ଦିନ ଭୋର ୫ଟାରେ ମଙ୍ଗଳ ଆଳତି ଓ ଅବକାଶ, ସମୟାନୁଯାୟୀ ଅନ୍ୟାନ୍ୟ ନୀତିକାନ୍ତି ଅନୁଷ୍ଠିତ ହୋଇ ଅପରାହ୍ଣ ୩ଟା ୩୦ରେ ରଥଟଣା ହେବ। ସେହିଭଳି ୨୦ତାରିଖରେ ବାହୁଡ଼ାଯାତ୍ରା ଅନୁଷ୍ଠିତ ହେବ। ରଥଯାତ୍ରା ସମୟରେ ସମ୍ପୃକ୍ତ ବିଭାଗ କର୍ମଚାରୀ ନିଜ ନିଜର ଦାୟିତ୍ୱ ସମ୍ପନ୍ନ କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ମନ୍ଦିର ଆଲୋକ ସଜ୍ଜା, ପରିଷ୍କାର ପରିଚ୍ଛନ୍ନତା, ଆଲୋକୀକରଣ, ଜଳଯୋଗାଣ, ଅଗ୍ନିଶମ ବାହିନୀ ମୁତୟନ, ଆଶୁ ଆରୋଗ୍ୟ କେନ୍ଦ୍ର, ଆମ୍ବୁଲାନ୍ସ ସେବା, ଶାନ୍ତିଶୃଙ୍ଖଳା ରକ୍ଷା ଏବଂ ଅସ୍ଥାୟୀ ସୂଚନା କେନ୍ଦ୍ର ଖୋଲିବା ପାଇଁ ଅଧିକାରୀମାନଙ୍କୁ ଦାୟିତ୍ୱ ଦିଆଯାଇଛି। ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯିବ। ଏଥିସହ ପାନୀୟ ଜଳଯୋଗାଣ ଓ ଜଳସିଞ୍ଚନ ନିମନ୍ତେ ବିଭିନ୍ନ ବେସରକାରୀ ସଙ୍ଗଠନର ମଧ୍ୟ ସହଯୋଗ ଲୋଡ଼ାଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ଅତିରିକ୍ତ ଜିଲାପାଳ ରୁଦ୍ରନାରାୟଣ ମହାନ୍ତି, ଉପଜିଲାପାଳ ଚିନ୍ମୟ ଆଚାର୍ଯ୍ୟ, ଦେବୋତ୍ତର ବିଭାଗର ଆସିଷ୍ଟାଣ୍ଟ କମିଶନର, ଭୁବନେଶ୍ୱର ତହସିଲଦାର, ଭୁବନେଶ୍ୱର ମହାନଗର ନିଗମର ଅଧିକାରୀ, ସେବାୟତ, ବିଭିନ୍ନ ନିଯୋଗର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।




ସାହିତ୍ୟ ସମାଜ ଟ୍ରଷ୍ଟ ପକ୍ଷରୁ ସୂଚନା ଭବନଠାରେ ଅନୁଷ୍ଠିତ 'ସାହିତ୍ୟ ମାସିକୀ' କାର୍ଯ୍ୟକ୍ରମରେ ବଙ୍ଗାଳୀ ନନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ଅନୁଭବ, ଅଧ୍ୟୟନ ଜଣେ ଲେଖକର ଶ୍ରେଷ୍ଠ ସମ୍ବଳ

**ଭୁବନେଶ୍ୱର, ୩୦।୩ (ବନ୍ଦନା ସେଠୀ)**

ଅନୁଭବ ଓ ଅଧ୍ୟୟନ ଜଣେ ଲେଖକର ଶ୍ରେଷ୍ଠ ସମ୍ବଳ। ବୃତ୍ତି ଓ ପ୍ରବୃତ୍ତି ମଧ୍ୟରେ ସମନ୍ୱୟ ରକ୍ଷା କରି ଜଣେ ଲେଖକ ସାଧନା ଜାରି ରଖେ। ଜୀବନରୁ ତଥା ବିଭିନ୍ନ ପରିବେଶରୁ ସେ ସାହିତ୍ୟର ଉପାଦାନ ସଂଗ୍ରହ କରେ ବୋଲି ଗାଳ୍ପିକ ରବି ସ୍ୱାଇଁ କହିଛନ୍ତି। ଶନିବାର ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ଆନୁକୂଲ୍ୟରେ ସୂଚନା ଭବନଠାରେ ଅନୁଷ୍ଠିତ 'ସାହିତ୍ୟ ମାସିକୀ' କାର୍ଯ୍ୟକ୍ରମରେ ଯୋଗଦେଇ, ନିଜ ଅନୁଭବକୁ ଅନୁସରଣ କଲେ ଜଣେ ଲେଖକ ସାର୍ଥକ ରଚନା ସୃଷ୍ଟି କରିପାରିବ ବୋଲି ମତ ଦେଇଥିଲେ। ଏଥିସହ ନିଜର ସୁଶିକ୍ଷିତା ମା', ଶିକ୍ଷକ ଜୀବନ, ନାଗରିକ ସମାଜରେ ଅନୁଭୂତି ଇତ୍ୟାଦି ତାଙ୍କୁ କିପରି ସାହିତ୍ୟ ରଚନା ପାଇଁ ପ୍ରେରଣା ଯୋଗାଇଛି ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ରକ୍ଷକ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକମ୍ରରେ କେନ୍ଦ୍ର ସାହିତ୍ୟ ଏକାଡେମୀ ଅନୁବାଦ ପୁରସ୍କାର ପାଇଁ ମନୋନୀତ ବଙ୍ଗାଳୀ ନନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଭାଷାବିତ୍ ଡ. ଦେବୀପ୍ରସନ୍ନ ପଟ୍ଟନାୟକ ନନ୍ଦଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏ ମାସର କଥାକାର ଭାବରେ ରଞ୍ଜନ କୁମାର ପାତ୍ର ଯୋଗଦେଇ ସ୍ୱରଚିତ ଗଳ୍ପ ପାଠ କରିଥିଲେ। ଡ. ଅଭୟ ନାରାୟଣ ନାୟକ ଓ ବିଜନବାଳା ପାଟଯୋଶୀଙ୍କ ମିଳିତ ସଂଯୋଜନାରେ ବିଭୂତି ପାଣିଗ୍ରାହୀ, ଅଲେଖ ଚରଣ ରାଉତ, ରଜନୀକାନ୍ତ ପଟ୍ଟନାୟକ, ନିବାସ ଚନ୍ଦ୍ର ଜେନା, ସୁଷମା ଦାଶ, ମିହିରକାନ୍ତି ଦାସ, ସଞ୍ଜୁଲତା ମହାନ୍ତି (ପଟ୍ଟନାୟକ), କୁମୁଦିନୀ ଜୀ, ପ୍ରମୁଖ କବିତା ପାଠ କରିଥିଲେ। ଅନୁଷ୍ଠାନର ସଭାପତି ସୂର୍ଯ୍ୟ ମିଶ୍ରଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆରମ୍ଭରେ ଡା. ଜୀବନକୃଷ୍ଣ ମିଶ୍ର ବେଦପାଠ କରିଥିବାବେଳେ ଡ. ଅଶୋକ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

## ମା'ଚର୍ଚ୍ଚିକାଙ୍କ ମନ୍ଦିରରେ ପୂଜାର୍ଚ୍ଚନା କଲେ ବିଧାୟକ

**ବାଙ୍କୀ,୩୦।୩ (ଜ୍ଞାନେନ୍ଦ୍ର ମୋହନ ମିଶ୍ର)**

ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଦ୍ୱିତୀୟ ଥର ଲାଗି ନିର୍ବାଚନରେ ବାଙ୍କୀ ବିଧାନସଭାରୁ ପ୍ରତିଦ୍ୱନ୍ଦ୍ୱିତା କରିବା ନିମନ୍ତେ ବିଜେଡି ତରଫରୁ ମନୋନୀତ ହୋଇଛନ୍ତି। ଏନେଇ ଶନିବାର ବିଧାୟକ ତ୍ରିପାଠୀ ବାଙ୍କୀର ଅଧିଷ୍ଠାତ୍ରୀ ଦେବୀ ମା'ଚର୍ଚ୍ଚିକାଙ୍କ ନିକଟକୁ ଯାଇ ପୂଜାର୍ଚ୍ଚନା କରିବା ସହ ଆସନ୍ତା ନିର୍ବାଚନରେ ସଫଳତା ହାସଲ କରିବା ପାଇଁ ପ୍ରାର୍ଥନା କରିଛନ୍ତି। ଦଳ ପୁନର୍ବାର ସୁଯୋଗ ଦେଇଥିବାରୁ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏହି ଅବସରରେ ବାଙ୍କୀ ଅଞ୍ଚଳର ବରିଷ୍ଠ ବିଜେଡି କର୍ମକର୍ତ୍ତା ତଥା ନଗରପାଳ ମାଣିକ ସାହୁ, ଉପନଗରପାଳ ସନ୍ତୋଷ କୁମାର ରଣା, ନଗର ବିଜେଡି ସଭାପତି ଆଇନଜୀବୀ ହରେକୃଷ୍ଣ ଦାଶ, କଟକ ଜିଲା ବିଜେଡି ସାଧାରଣ ସମ୍ପାଦକ ସନାତନ ବେହେରା, ବରିଷ୍ଠ ବିଜେଡି ନେତା ସମରେନ୍ଦ୍ର ମହାପାତ୍ର, ସୌମନ୍ଦ୍ର ମିଶ୍ର, ରାଜେନ୍ଦ୍ର କୁମାର ମହାପାତ୍ର, ନଗର ଛାତ୍ରବିଜେଡି ସଭାପତି ବ୍ରଜବଲ୍ଲଭ କର ପ୍ରମୁଖ ମା'ଚର୍ଚ୍ଚିକାଙ୍କ ମନ୍ଦିରରେ ଉପସ୍ଥିତ ରହି ବିଧାୟକ ତ୍ରିପାଠୀଙ୍କୁ ଅଭିନନ୍ଦନ ଜଣାଇଥିଲେ।

# ଡକାୟତି ଯୋଜନା, ୬ ଗିରଫ

**ଭୁବନେଶ୍ୱର,୩୦।୩ (ସୂର୍ଯ୍ୟକାନ୍ତ ବେହେରା)**

### ଖେଳଣା ବନ୍ଧୁକ ସହ ମାରଣାସ୍ତ୍ର ଜବତ

ଖେଳଣା ବନ୍ଧୁକ ଦେଖାଇ ଜାତୀୟ ରାଜପଥରେ ଯାଉଥିବା ଗାଡିକୁ ଅଟକାଇ ଡ୍ରାଇଭରଙ୍କଠାରୁ ଲୁଟ୍ ପାଇଁ ଯୋଜନା କରୁଥିବାବେଳେ ଶହୀଦନଗର ଥାନା ପୋଲିସ ୬ଜଣ ପେସାଦାର ଅପରାଧୀଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଭୁବନେଶ୍ୱରର ବିଭିନ୍ନ ଥାନା ଅଞ୍ଚଳରେ ରହୁଥିବା ଲିଙ୍ଗରାଜ ଭୂୟାଁ, ବୁଲୁ ପଲେଇ, କାର୍ତ୍ତିକ ମଣ୍ଡଳ, ସତ୍ୟବ୍ରତ ଭୋଇ,ଏମ୍‌ଡି କାଦିର ଓ ତତ୍ତ୍ୱମସି ପ୍ରଧାନ। ସେମାନଙ୍କଠାରୁ ଗୋଟିଏ ତେଲେଙ୍ଗା କଟୁରୀ, ଗୋଟିଏ ଖେଳଣା ବନ୍ଧୁକ, ୩ଟି ଲୁହା ରଡ ଆଦି ଜବତ ହୋଇଛି। ଏହି ଥାନା ଅନ୍ତର୍ଗତ ଶାନ୍ତିପଲ୍ଲୀ ବସ୍ତି ନିକଟ ରେଳ ଧାରଣା ପାର୍ଶ୍ୱରେ ଏକତ୍ରିତ ହୋଇ ଡକାୟତି ଯୋଜନା କରୁଥିବା ସୂଚନା ପାଇବା ପରେ ପୋଲିସ ଟିମ୍ ଚଢ଼ାଉ କରି ସେମାନଙ୍କୁ କାବୁ କରିଥିଲା। ଗିରଫ ଅଭିଯୁକ୍ତ ଲିଙ୍ଗରାଜଙ୍କ ନାମରେ ୮ଟି ମାମଲା ଥିବା ବେଳେ ବୁଲୁଙ୍କ ନାମରେ ୩ଟି, କାର୍ତ୍ତିକ ମଣ୍ଡଳ ନାମରେ ୬ଟି, ସତ୍ୟବ୍ରତଙ୍କ ନାମରେ ୩ଟି, କାଦିରଙ୍କ ନାଁରେ ଗୋଟିଏ ଓ ତତ୍ତ୍ୱମସିଙ୍କ ନାଁରେ ୨ଟି ମାମଲା ଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। କୋର୍ଟ ଚାଲାଣ ପରେ ଜାମିନ ନ ମିଳିବାରୁ ସମସ୍ତ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।



ଗିରଫ ୬ ଅଭିଯୁକ୍ତଙ୍କ ସହ ଜବତ ମାରଣାସ୍ତ୍ର।

## କଂଗ୍ରେସ କର୍ମୀ ସମ୍ମିଳନୀ

**କଟକ,୩୦।୩(ଶିଳ୍ପା ପ୍ରିୟଦର୍ଶିନୀ)**

କଟକ ସିଡିଏ ସେକ୍ଟର-୭ସ୍ଥିତ ଯୋଗ ପଡିଆଠାରେ କଂଗ୍ରେସ କର୍ମୀ ସମ୍ମିଳନୀ ଶନିବାର ଅନୁଷ୍ଠିତ ହୋଇଯାଇଛି। ନଗର କଂଗ୍ରେସର ପୂର୍ବତନ ସଭାପତି ଗିରିବାଳା ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ କଂଗ୍ରେସ ନେତା ଇଂ. ମହମ୍ମଦ ମୋକିମ ଯୋଗଦେଇ ୱାର୍ଡ ଓ ବୁଥ୍ ସ୍ତରରେ ସଙ୍ଗଠନକୁ ସୁଦୃଢ କରିବା ପାଇଁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ଏଥିରେ ରମାକାନ୍ତ ଦଳେଇ, ଦେବେନ୍ଦ୍ର ସୂତାର, ଆଇନଜୀବୀ ଅରୁଣ ପରିଡା, ଜେଡିପି ଆଚାର୍ଯ୍ୟ, ପ୍ରଫୁଲ୍ଲ କୁମାର ସାହୁ, ରମେଶ ଚନ୍ଦ୍ର ଦାସ, ଗୋବିନ୍ଦ ସାମଲ, ଯଯାତି କେଶରୀ କର ଓ ତିଲୋତ୍ତମା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଆଇଏସି ସମାରୋହରେ ଏସ୍‌ସିବି ଡାକ୍ତର ସମ୍ବର୍ଦ୍ଧିତ



ସମାରୋହରେ ଯୋଗଦେଇଥିବା ଅତିଥିବୃନ୍ଦ।

**କଟକ,୩୦।୩(ଶିଳ୍ପା ପ୍ରିୟଦର୍ଶିନୀ)**

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲର ବାର୍ଷିକ ଇନ୍‌ଷ୍ଟିଚ୍ୟୁଟ୍ ଏକାଡେମିକ୍ କମିଟି (ଆଇଏସି) ମହାସମାରୋହରେ ଶନିବାର ପାଳିତ ହୋଇଯାଇଛି। କଲେଜର ନୂତନ ଅଡିଟୋରିୟମରେ ଆୟୋଜିତ କାର୍ଯ୍ୟକ୍ରମରେ ଡିନ୍ ତଥା ପ୍ରିନ୍ସିପାଲ ପ୍ରଫେସର ଡା. ପ୍ରସେନ୍‌ଜିତ୍ ମହାନ୍ତି, ଏସ୍‌ସିବି ମେଡିକାଲର ଅଧୀକ୍ଷକ ପ୍ରଫେସର ଡା. ସୁଧାଂଶୁ ଶେଖର ମିଶ୍ର, ପ୍ରଫେସର ବନବିହାରୀ ମିଶ୍ର, ପ୍ରଫେସର ଗୀତା ସାହୁ, ପ୍ରଫେସର କୀର୍ତ୍ତିରେଖା ମହାପାତ୍ର ଯୋଗଦେଇଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ଡା. ବିଜୟ କୁମାର ନନ୍ଦ ଯୋଗଦେଇ ଏସ୍‌ସିବି ମେଡିକାଲ କଲେଜ ଏବଂ ହସ୍ପିଟାଲର ଇତିହାସ ବିଷୟରେ କହିଛନ୍ତି। ଏହି ଅବସରରେ ପ୍ରଫେସର ଡା. ବିଜୟ କୁମାର ନନ୍ଦ, ଚୌଧୁରୀ ନୀହାର ରଞ୍ଜନ ନନ୍ଦ, କୃଷ୍ଣବଲ୍ଲଭ ଦାସ, ଫାଲ୍‌ଗୁନୀ ରାୟ, ଗୋପାଳ ଚନ୍ଦ୍ର କର, ପ୍ରଫୁଲ୍ଲ କୁମାର ଚିନ୍ନାରା, ରମାରମଣ ଷଡ଼ଙ୍ଗୀ, ନୟନ କିଶୋର ମହାନ୍ତି, ଧୀରେନ୍ଦ୍ର ନାଥ ମହାରଣା, ପ୍ରକାଶ ଚନ୍ଦ୍ର ମହାପାତ୍ର, ରାମରମଣ ମହାନ୍ତି, ସିଦ୍ଧାର୍ଥ ଦାସ, ଜୟଶ୍ରୀ ମହାନ୍ତି, ପ୍ରଫେସର ଡା. ଦଣ୍ଡେଶ୍ୱର ହୋତା, ଆଇଏସିର ପୂର୍ବତନ ସଦସ୍ୟ ପ୍ରଫେସର ଡା. ବିଶ୍ୱ ନାରାୟଣ ମହାନ୍ତି, ପ୍ରଫେସର ଡା. ବିପିନ ବିହାରୀ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ସମ୍ବର୍ଦ୍ଧିତ ହୋଇଥିବା ବରିଷ୍ଠ ବିଶେଷଜ୍ଞମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଉଲ୍ଲେଖନୀୟ ସଫଳତା ପାଇଁ ସ୍ତ୍ରୀ ଓ ପ୍ରସୂତି ବିଭାଗ, ଟ୍ରାନ୍ସଫ୍ୟୁଜନ ମେଡିସିନ, ପାଥୋଲୋଜି ବିଭାଗ, କ୍ଲିନିକାଲ ହେମାଟୋଲୋଜି ବିଭାଗ, ବାୟୋକେମିଷ୍ଟ୍ରି ବିଭାଗକୁ ପ୍ରଶଂସା କରାଯାଇଥିଲା। ପ୍ରଫେସର ଡା. କୀର୍ତ୍ତିରେଖା ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ଗ୍ରୀଷ୍ମରେ ଗୁଣାତ୍ମକ ବିଦ୍ୟୁତ୍‌ସେବା ଦେବାକୁ ଟିପିସିଓଡିଏଲ୍‌ର ଯୋଜନା

**ଭୁବନେଶ୍ୱର,୩୦।୩(ଅନୁରାଧା ମହାରଣା)**



ଗ୍ରୀଷ୍ମଋତୁରେ ଉପଭୋକ୍ତାଙ୍କୁ ଗୁଣାତ୍ମକ ବିଦ୍ୟୁତ ସେବା ଯୋଗାଇବା ପାଇଁ ଟିପିସିଓଡିଏଲ୍ ଭିତ୍ତିଭୂମି ବିକାଶକୁ ବିଶେଷ ଗୁରୁତ୍ୱ ଦେଉଛି। ଏହି କ୍ରମରେ ଓପିଟିସିଏଲ୍‌ର ପ୍ରତାପ ଶାସନ ଗ୍ରୀଡ୍ ସବ୍‌ଷ୍ଟେଶନରୁ ଉତ୍ତରା ପ୍ରାଇମେରୀ ସବ୍‌ଷ୍ଟେଶନ ପର୍ଯ୍ୟନ୍ତ ଦ୍ୱିତୀୟ ୩୩ କେଭିର ବିଦ୍ୟୁତ୍ ଲାଇନକୁ କାର୍ଯ୍ୟକ୍ଷମ କରାଯାଇଛି। ୨୨୦/୧୩୨/୩୩ କେଭିର ଉଭୟ ଉତ୍ତରା ୧ ଏବଂ ୨ ଫିଡର୍ ପ୍ରତାପ ଶାସନ ଗ୍ରୀଡ୍ ସବ୍‌ଷ୍ଟେଶନ ବଡ଼ଗଡ଼, ଲିଙ୍ଗିପୁର, ଉତ୍ତରା ଏବଂ ଶିଉଳା ପ୍ରାଇମେରୀ ସବ୍‌ଷ୍ଟେଶନକୁ ନିରବଚ୍ଛିନ୍ନ ୩୩ କେଭି ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରିବ। ଏହାଦ୍ୱାରା ସ୍ଥାନୀୟ ଅଞ୍ଚଳର ପ୍ରାୟ ୨୫ହଜାର ଉପଭୋକ୍ତା ଉପକୃତ ହେବା ସହିତ ରଣସିଂହପୁର ଗ୍ରୀଡ଼ ସବ୍‌ଷ୍ଟେଶନର ଲୋଡ୍ ହ୍ରାସ କରିବ। ଏହାସହିତ ଉତ୍ତରା ଓ ଶିଉଳା ପ୍ରାଇମେରୀ ସବ୍‌ଷ୍ଟେଶନର ସମସ୍ତ ଆର୍‌ଏମ୍‌ୟୁ ସ୍ୱୟଂ ଚାଳିତ କରାଯାଇଛି। ଅନ୍ୟପଟେ ବର୍ଦ୍ଧିତ ଶକ୍ତି ଚାହିଦା ପୂରଣ ପାଇଁ ଟିପିସିଓଡିଏଲ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଉଛି। ଏଥିପାଇଁ ଭୁବନେଶ୍ୱର କଳିଙ୍ଗନଗର ଅଞ୍ଚଳରେ ଥିବା ଏକ ୮ ଏମ୍‌ଭିଏ ଟ୍ରାନ୍ସଫର୍ମରକୁ ଏକ ଅତ୍ୟାଧୁନିକ ନୂତନ ଜ୍ଞାନ କୌଶଳର ୧୬ ଏମଭିଏ ଟ୍ରାନ୍ସଫର୍ମର ଜରିଆରେ ସୁଦୃଢ କରାଯାଇଥିବା ସୂଚନା ଦିଆଯାଇଛି।

# ଆର୍‌ଟିଇ ପିଲାଙ୍କୁ ମାଗଣା ବହି, ଡ୍ରେସ୍ ଦିଆଯାଉ

**ଭୁବନେଶ୍ୱର, ୩୦।୩(ଅସମାପିକା ସାହୁ)**

### ଓସେପା ଅଫିସ୍‌ରେ ତାଲା ପକାଇବାକୁ ଚେତାବନୀ

ଆର୍‌ଟିଇ ପାରଦର୍ଶୀ ଯୋଜନାରେ ୨୫% ସିଟ୍‌ରେ ମାଗଣାରେ ପାଠ ପଢୁଥିବା ପିଲାଙ୍କୁ ମାଗଣା ବହି ନ ଦେଲେ ଓସେପା ଅଫିସରେ ତାଲା ପକାଇବା ପାଇଁ ଓଡ଼ିଶା ଅଭିଭାବକ ମହାସଂଘ ଚେତାବନୀ ଦେଇଛି। ମହାସଂଘର କହିବାନୁସାରେ, ବହୁବାର ଦାବି ଓ ଅଭିଯୋଗ ସହ ଘେରାଉ ପରେ ମଧ୍ୟ ପୂର୍ବ ଦୁଇବର୍ଷର ପିଲାମାନେ ବହି, ଡ୍ରେସ, ଜୋତା ଆଦିର ପଇସା ଏପର୍ଯ୍ୟନ୍ତ ଫେରସ୍ତ ପାଇପାରି ନାହାନ୍ତି। ସେପଟେ ଉପରଶ୍ରେଣୀକୁ ଉନ୍ନୀତ ହେବା ପରେ ବି ଏବର୍ଷ ମଧ୍ୟ ଘରୋଇ ସ୍କୁଲଗୁଡିକ ଗରିବ ପିଲାଙ୍କ ଅଭିଭାବକଙ୍କୁ ହଜାର ହଜାର ଟଙ୍କା ଦେଇ ବହି କିଣିବାକୁ ବାଧ୍ୟ କରୁଛନ୍ତି। ଏବର୍ଷ ମଧ୍ୟ ଏହି ଯୋଜନାରେ ପ୍ରଥମେ ପର୍ଯ୍ୟାୟରେ ୧୭,୨୩୫ ଜଣ ପିଲା ନାମ ଲେଖାଇଇବାକୁ ମନୋନୀତ ହୋଇଛନ୍ତି। ଆଗକୁ ଦ୍ୱିତୀୟ ପର୍ଯ୍ୟାୟ ପାରଦର୍ଶୀ ପୋର୍ଟାଲରେ ଯୋଗ୍ୟ ହେବାକୁ ଥିବା ପ୍ରାୟ ୨୦ହଜାର ପିଲା ପୁଣି ୨ହଜାରରୁ ୬ହଜାର ଟଙ୍କା ଗଣି ବହି, ଜୋତା ଓ ଡ୍ରେସ କିଣି ବାକୁ ବାଧ୍ୟ ହେବେ। ଆର୍‌ଟିଇ ପାରଦର୍ଶୀ ଯୋଜନାରେ ମାଗଣା ସିଟ୍‌ରେ ପଢୁଥିବା ପିଲା ଆଇନ ଅନୁଯାୟୀ ମାଗଣାରେ ବହି, ଡ୍ରେସ, ଜୋତା ଆଦି ପାଇବାର ସୁବିଧା ଥିଲେ ମଧ୍ୟ ବିଭାଗୀୟ ତାଗିଦ ଅଭାବରୁ ହଜାର ହଜାର ଟଙ୍କା ଗଣୁଛନ୍ତି। ବହୁବାର ମହାସଂଘ ସରକାରଙ୍କ ପାଖରେ ଅଭିଯୋଗ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ଅଭିଭାବକଙ୍କୁ ନ୍ୟାୟ ମିଳି ନାହିଁ। ତେଣୁ ଏ ନେଇ ଭହାସଂଘ ପକ୍ଷରୁ ପୁଣିଥରେ ସଚିବଙ୍କୁ ଦାବି ସହିତ ଚେତାବନୀ ଦିଆଯାଇଛି। ୭ଦିନ ଭିତରେ ସମସ୍ୟା ସମାଧାନ ନ ହେଲେ ବାଧ୍ୟ ହୋଇ ମହାସଂଘ ୮ ତାରିଖ ପରେ ଓସେପା କାର୍ଯ୍ୟାଳୟକୁ ତାଲା ପକେଇ ଧାରଣା ଦେବା ପାଇଁ ନିଷ୍ପତ୍ତି ନେଇଛି ବୋଲି କାର୍ଯ୍ୟକାରୀ ସଭାପତି ପ୍ରସନ୍ନ ବିଷୋୟୀ କହିଛନ୍ତି।

# ସିଡିପି ୨୦୪୦: ୬ ସ୍ଥାନରେ ଟ୍ରକ୍ ପାର୍କିଂ ଯୋଜନା

**ଭୁବନେଶ୍ୱର, ୩୦।୩ (ବନ୍ଦନା ସେଠୀ)**

ରାଜଧାନୀ ଭୁବନେଶ୍ୱରରେ ଟ୍ରକ ପାଇଁ ପାର୍କିଂ ସ୍ଥଳ ନାହିଁ। ତେଣୁ ଦୂରଦୂରାନ୍ତରରୁ ଆସୁଥିବା ଟ୍ରକଗୁଡିକ ପାଇଁ ସହରର ରାସ୍ତାକଡ, ସରକାରୀ ଜମି, ଓଭରବ୍ରିଜ ତଳ ଏବଂ ଉପକଣ୍ଠରେ ଥିବା ଢାବାଗୁଡିକ ପାର୍କିଂସ୍ଥଳ ପାଲଟିଛି। ଏଥିପାଇଁ ଅନେକ ସମୟରେ ସ୍ଥାନୀୟବାସୀଙ୍କୁ ଟ୍ରାଫିକ୍ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଥିବାବେଳେ ସହର ଭିତରେ ବଡ ଟ୍ରକଗୁଡିକର ପାର୍କିଂକୁ ନେଇ ବିଭିନ୍ନ ସମୟରେ ବିବାଦ ଉପୁଜିବାରେ ଲାଗିଛି। ସେହିପରି ଟ୍ରକ୍ ରଖୁଥିବା ସ୍ଥାନଗୁଡିକରେ ଡ୍ରାଇଭରମାନଙ୍କ ପାଇଁ ଶୌଚ ହେବାକୁ ସୁବିଧା ନ ଥିବାରୁ ସେମାନେ ହଇରାଣ ହେବା ସହ ଅସନ୍ତୋଷ ବୃଦ୍ଧି ପାଉଛି। ତେଣୁ ଏହି ସମସ୍ୟାର ସମାଧାନ ପାଇଁ ବିଡିଏ ପକ୍ଷରୁ ଜାରି ହୋଇଥିବା ସିଡିପି ୨୦୪୦ରେ ବ୍ୟବସ୍ଥା କରାଯାଇଛି। ରାଜଧାନୀର ଉପକଣ୍ଠ ଅଞ୍ଚଳରେ ୬ଟି ସ୍ଥାନରେ ଟ୍ରକ ଟର୍ମିନାଲ ନିର୍ମାଣ କରିବାକୁ ଯୋଜନା ରହିଛି। ବନମାଳୀପୁର-ପ୍ରତାପଶାସନ ରୋଡ୍‌ର ପୁରୁଣାପ୍ରଧାନ ଗ୍ରାମରେ ୧.୪ ହେକ୍ଟର ପରିମିତ ଜମିରେ ବସ ଏବଂ ଟ୍ରକ ଡିପୋ କରାଯିବାର ଯୋଜନା ରହିଛି। ସେହିପରି ସୁନ୍ଦରପଦା-ଜଟଣୀ ରୋଡ୍ ଜାମୁକୋଲି ଗ୍ରାମରେ ୫.୧୨ହେକ୍ଟର ଜମିରେ ବସ ଏବଂ ଟ୍ରକ ଡିପୋ, ଏନ୍‌ଏଚ୍-୩୧୬ ପିପିଲି ଶାସନରେ ୧.୨୧ ହେକ୍ଟର ଏବଂ ଏନଏଚ-୧୬ରେ ଥିବା ଦଳେଇପୁଟରେ ୧୦.୬୧ ହେକ୍ଟର ଜମିରେ ସ୍ୱତନ୍ତ୍ର ଟ୍ରକ ଟର୍ମିନାଲ ବ୍ୟବସ୍ଥା କରାଯାଇଛି। ସେହିପରି ଅତ୍ରି ରୋଡ ପାନବରଜ ଗ୍ରାମରେ ୬୮.୨୮ ହେକ୍ଟର ଜମିରେ ବସ ଏବଂ ଟ୍ରକ ଟର୍ମିନାଲ ଏବଂ ଖୋର୍ଦ୍ଧା ହଳଦିଆ ରୋଡ ନୂଆପଡା ଗ୍ରାମରେ ୨୭.୭୧ ହେକ୍ଟର ଜମିରେ ବସ ଏବଂ ଟ୍ରକ ଟର୍ମିନାଲକୁ ନିର୍ମାଣ ପାଇଁ ଯୋଜନା ରହିଛି। ଏଠାରେ ବହୁସଂଖ୍ୟାରେ ଟ୍ରକ ପାର୍କିଂ ପାଇଁ ବ୍ୟବସ୍ଥା କରାଯିବ। ସେହିପରି ଡ୍ରାଇଭରଙ୍କ ସୁବିଧା ପାଇଁ ଭୋଜନାଳୟ, ଶୌଚାଳୟ ସହ ବିଶ୍ରାମ କରିବା ବ୍ୟବସ୍ଥା ଉପଲବ୍ଧ ହେବ। ବହୁ ଦୂରରୁ ଆସୁଥିବା ଟ୍ରକ୍‌ଗୁଡିକ ଏଠାରେ ଜିନିଷ ଲୋଡିଂ, ଅନ୍‌ଲୋଡିଂ କରି ପାରିବେ।



# ହରିରାଜପୁର ପଞ୍ଚଦୋଳ ମେଳଣ ଆରମ୍ଭ

## ଆତସବାଜିରେ ଝଲସିଲା ମେଳଣ ପଡ଼ିଆ

ଡେଲାଙ୍ଗ,୩୦।୩(ରଶ୍ମିରଞ୍ଜନ ପ୍ରଧାନ):

ଓଡ଼ିଶା ପ୍ରସିଦ୍ଧ ହରିରାଜପୁର ପଞ୍ଚଦୋଳ ମେଳଣର ଜମାଣ ଉତ୍ସବ ଶନିବାର ବିଳମ୍ବିତ ରାତ୍ରିରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରସିଦ୍ଧ ମେଳଣ ୫ଦିନ ଧରି ହେବାକୁ ଥିବାବେଳେ ଆସନ୍ତା ୩ ତାରିଖ ସନ୍ଧ୍ୟାରେ ଗୋଧୂଳି ଲଗ୍ନରେ ଖୁଣ୍ଟିଲାଗି ଠାକୁରଙ୍କୁ ନେଇ ଦିଅଁ ମେଳଣ ତଥା ହରିହର ଭେଟ କରାଯାଇ ମେଳଣ ସମାପନ କରାଯିବ। ରାତି ୧ଟା ୩୦ ପରେ ଶ୍ରୀ ପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କ ମନ୍ଦିରରେ ସମସ୍ତ ଦେବନୀତି ସମାପନ ପରେ ସୁସଜ୍ଜିତ ଦୋଳ ବିମାନରେ ପଶ୍ଚିମ ଦ୍ୱାର ଦେଇ ବାହାରକୁ ବାହାରି ଏକ ବିରାଟ ପଟୁଆରରେ ମେଳଣ ପଡ଼ିଆକୁ ଯାତ୍ରା ଆରମ୍ଭ କରିଥିଲେ। ସେହିପରି ରାଜତନ୍ତ୍ର ସମୟରେ ତତ୍‌କାଳୀନ ରାଜାଙ୍କ ଦ୍ୱାରା ପ୍ରତିଷ୍ଠିତ ଦେବ ବିଗ୍ରହ ବୁଢାପଡାର ଆରାଧ୍ୟ ଶ୍ରୀ ସୋମନାଥଦେବ, ଛଣଘରର ଶ୍ରୀ ଗଡେଶ୍ୱରଦେବ, କନ୍ତିଆ ଗ୍ରାମର ଶ୍ରୀ ବାଲୁଙ୍କେଶ୍ୱରଦେବ ଓ ଟାଙ୍ଗିଭଁସର ଗ୍ରାମର ଶ୍ରୀ ନୀଳକଣ୍ଠେଶ୍ୱର ଦେବଙ୍କ ଦୋଳବିମାନ ମେଳଣରେ ଏକାଠି ହେଲା ପରେ ଆତସବାଜି ପ୍ରଦର୍ଶନ ହୋଇଥିଲା। ସ୍ଥାନାଧିପତି ଶ୍ରୀଶ୍ରୀ ପଶ୍ଚିମାଶମ୍ଭୁ ସୋମନାଥ ଦେବ ଖୁଣ୍ଟିଲାଗି ପରେ ଆଖପାଖ ଅଞ୍ଚଳର ବିଭିନ୍ନ ଗ୍ରାମରୁ ପ୍ରାୟ ୮୫ରୁ ଊର୍ଦ୍ଧ୍ୱ ଠାକୁରଙ୍କ ଦୋଳ ବିମାନ ଏହି ମେଳଣରେ ଖୁଣ୍ଟିଲାଗି ହୋଇଥିଲେ। ରଙ୍ଗବେରଙ୍ଗର ଆଲୋକମାଳା ଓ ଚିତ୍ତାକର୍ଷକ ଆତସବାଜି ପ୍ରଦର୍ଶନରେ ମେଳଣ ପଡିଆ ଝଲସି ଉଠିଥିଲା। ଏଥିରେ ପୁରୀ, ବ୍ରହ୍ମପୁର, ଗଞ୍ଜାମ, କଟକ, ଖୋର୍ଦ୍ଧା, ଡେଲାଙ୍ଗ, କଣାସ ଆଦି ବିଭିନ୍ନ ଅଞ୍ଚଳରୁ ବାଣୁଆ କାରିଗର ପ୍ରତିଯୋଗିତାରେ ଭାଗ ନେଇଥିଲେ। ପାରମ୍ପରିକ ଘୋଡ଼ାନାଚ, ନାଗାନୃତ୍ୟ, ଭଜନ କୀର୍ତ୍ତନ, ବାଦ୍ୟ ବିଚିତ୍ରା, ଘଣ୍ଟ, ତୁରୀ ଓ ଶଙ୍ଖ, ହରିବୋଲ, ହୁଳହୁଳି ଧ୍ୱନିରେ ମେଳଣ ପଡିଆରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ସେହିପରି ବିଭିନ୍ନ ମାନସିକଧାରୀ, ଶ୍ରଦ୍ଧାଳୁଙ୍କ ପକ୍ଷରୁ ମଧ ଆତସବାଜି ପ୍ରଦର୍ଶନ କରାଯାଇଥିଲା। ଶାନ୍ତିଶୃଙ୍ଖଳା ପାଇଁ ଡେଲାଙ୍ଗ ପୋଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ମେଳଣରେ ବିଭିନ୍ନ ଜିଲାରୁ ପ୍ରାୟ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହେବାକୁ ଲକ୍ଷ୍ୟ କରି ପୁରୀ ଏସ୍‌ପି ପିନାକ ମିଶ୍ରଙ୍କ ନିର୍ଦ୍ଦେଶରେ ଆଡିଶନାଲ ଏସ୍‌ପି ବିଷ୍ଣୁପ୍ରସାଦ ପତି, ପିପିଲି ଏସ୍‌ଡିପିଓ ବିରଞ୍ଚି ନାରାୟଣ ପତି, ଡେଲାଙ୍ଗ ଥାନା ଆଇଆଇସି ଦେବାଶିଷ ମହାନ୍ତିଙ୍କ ନେତୃତ୍ୱରେ ୫ ଜଣ ଆଇଆଇସି, ୧୦ଜଣ ଏସ୍‌ଆଇ, ୧୯ ଜଣ ଏଏସ୍‌ଆଇ, ୧୫ଜଣ ପୁରୁଷ ସିପାହି, ୭ ଜଣ ମହିଳା ସିପାହି, ୫ ଜଣ ହାବିଲଦାର, ୧୭ ସେକସନ ପୋଲିସ ଫୋର୍ସ ଓ ୮୮ ଜଣ ହୋମଗାର୍ଡଙ୍କୁ ମୁତୟନ କରାଯାଇଛି। ମେଳଣ ପଡ଼ିଆର ୪ ପାର୍ଶ୍ୱରେ ଅସ୍ଥାୟୀ ପୋଲିସ ଟେଣ୍ଟ କରାଯାଇ ଅସାମାଜିକ ଯୁବକମାନଙ୍କ ପ୍ରତି ନଜର ରଖାଯାଇଛି ବୋଲି ଆଇଆଇସି ମହାନ୍ତି କହିଛନ୍ତି। ସେହିପରି ଡେଲାଙ୍ଗ ତହସିଲଦାର ସନ୍ତୋସିନୀ ଦାଶଙ୍କୁ ମାଜିଷ୍ଟ୍ରେଟ ଦାୟିତ୍ୱରେ ନିୟୋଜିତ କରାଯାଇଛି। ଅତିରିକ୍ତ ତହସିଲଦାର ରାଜେନ୍ଦ୍ର ପ୍ରସାଦ ମହାରଣା ଓ ଡେଲାଙ୍ଗ ବ୍ଲକ ଉନ୍ନୟନ ଅଧିକାରୀ କ୍ଷିତୀଶ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ପୋଲିସ ନିୟନ୍ତ୍ରଣରେ ମେଳଣ କମିଟିର କେତେକ ଯୁବକଙ୍କୁ ନେଇ ଏକ ସ୍ୱତନ୍ତ୍ର ସ୍ୱେଚ୍ଛାସେବୀ ଟିମ୍ ଗଠନ କରାଯାଇଛି। ଅସୁବିଧା କିମ୍ବା ହଜିଯାଉଥିବା ବ୍ୟକ୍ତିଙ୍କୁ ଉଦ୍ଧାର କରିବା ଓ ବିଭିନ୍ନ କାର୍ଯ୍ୟ ପାଇଁ ଏହି ଟିମ୍ ସମ୍ପୂର୍ଣ୍ଣ ଭାବେ ପୋଲିସ ପ୍ରଶାସନକୁ ସହଯୋଗ କରିବ। ଏଥିସହ ହରିରାଜପୁର ଫାଣ୍ଡି ସନ୍ନିକଟରେ ଏକ ସୂଚନା କେନ୍ଦ୍ରର ବ୍ୟବସ୍ଥା କରାଯାଇଛି।



## ସଂକ୍ଷେପରେ

### ବାର୍ ଆସୋସିଏଶନର ନୂତନ କର୍ମକର୍ତ୍ତା ନିର୍ବାଚନ

ନିମାପଡ଼ା, ୩୦।୩(ରଞ୍ଜନ ପଟ୍ଟନାୟକ):

ନିମାପଡ଼ା ଜୁଡିସିଆଲ ବାର୍ ଆସୋସିଏଶନର ୨୦୨୪-୨୫ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାବେ ବରିଷ୍ଠ ଆଇନଜୀବୀ ବାମନ ଚରଣ ନାୟକ, ଉପସଭାପତି ରୂପେ ମିହିର ରଞ୍ଜନ ମହାନ୍ତି, ସମ୍ପାଦକ ଭାବେ ପ୍ରଶାନ୍ତ ରାଉତରାୟ ଏବଂ ସହ ସମ୍ପାଦକ ସରୋଜ ଦାଶ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଏନେଇ ନିର୍ବାଚନ ଅଧିକାରୀ ତଥା ବରିଷ୍ଠ ଆଇନଜୀବୀ ମୃତ୍ୟୁଞ୍ଜୟ ଦାଶ ସୂଚନା ଦେଇଛନ୍ତି। ସେହିପରି ନିମାପଡ଼ା ବାର୍ ଆସୋସିଏଶନର ୨୦୨୪-୨୫ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ନିର୍ବାଚନରେ ସଭାପତି ରୂପେ ପ୍ରସନ୍ନ ପଣ୍ଡା, ଉପସଭାପତି ରୂପେ ଦୁର୍ଯ୍ୟୋଧନ ବାରିକ୍, ସମ୍ପାଦକ ଭାବେ ରମେଶ ମହାନ୍ତି ଓ ସହସମ୍ପାଦକ ରୂପେ ବସନ୍ତ ରାଉତ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଏନେଇ ନିର୍ବାଚନ ଅଧିକାରୀ ତଥା ବରିଷ୍ଠ ଆଇନଜୀବୀ ଗୌରାଙ୍ଗ ଚରଣ ସାହୁ ସୂଚନା ପ୍ରଦାନ କରିଛନ୍ତି। ଏଥିପାଇଁ ନିର୍ବାଚିତ ସମସ୍ତ ସଭ୍ୟଙ୍କୁ ପ୍ରତିନିଧିମାନେ ଶୁଭେଚ୍ଛା ଜଣାଇଛନ୍ତି।

### ସାକ୍ଷୀଗୋପାଳଙ୍କ ଚନ୍ଦନ ସର୍ବାଙ୍ଗ ବେଶ ପାଇଁ ୫୦ ହଜାର ଦାନ

ସାକ୍ଷୀଗୋପାଳ,୩୦।୩
(ପ୍ରଶାନ୍ତ ବାରିକ୍/କିଶୋର ମହାପାତ୍ର):

ସାକ୍ଷୀଗୋପାଳ ଠାକୁରଙ୍କ ଚନ୍ଦନ ସର୍ବାଙ୍ଗ ବେଶ ନିମନ୍ତେ ସତ୍ୟବାଦୀ ଥାନା ନିକଟ ଡାକବଙ୍ଗଳା ପଛପଟ ସାନକାଞ୍ଜିଆର ୬୫ ବର୍ଷୀୟ ରାସବିହାରୀ ଘୋଷ୍ ମନ୍ଦିର ପ୍ରଶାସନକୁ ଶନିବାର ୫୦ ହଜାର ଟଙ୍କାର ବ୍ୟାଙ୍କଚେକ୍ ପ୍ରଦାନ କରିଛନ୍ତି। ପ୍ରତିବର୍ଷ ମହାଶିବରାତିରେ ସାକ୍ଷୀଗୋପାଳଙ୍କ ଚନ୍ଦନ ସର୍ବାଙ୍ଗ ବେଶ କରାଯିବାକୁ ସେ ନିଜ ଉପାର୍ଜିତ ଅର୍ଥରାଶିରୁ ୫୦ ହଜାର ଟଙ୍କାର ଏକ ଚେକ୍ ମନ୍ଦିର କାର୍ଯ୍ୟାଳୟ ପ୍ରଶାସକ ବିଶ୍ୱବାସୀ ତ୍ରିପାଠୀଙ୍କୁ ପ୍ରଦାନ କରିଥିଲେ। ଏହାପରେ ମନ୍ଦିର ପ୍ରଶାସନ ପକ୍ଷରୁ ତାଙ୍କୁ ଏହାର ଏକ ରସିଦ୍ ମଧ ପ୍ରଦାନ କରାଯାଇଛି। ଭକ୍ତ ଘୋଷଙ୍କ ଅନୁରୋଧକ୍ରମେ ଏହି ଚେକ୍ ଦ୍ୱାରା ପ୍ରାପ୍ତ ଅର୍ଥକୁ ବ୍ୟାଙ୍କରେ ଫିକ୍ସ ଡିପୋଜିଟ କରାଯିବ। ଏଥିରୁ ପ୍ରତିବର୍ଷ ମିଳିବାକୁ ଥିବା ସୁଧ ଟଙ୍କାରେ ଠାକୁରଙ୍କ ଦୁର୍ଲ୍ଲଭ ଚନ୍ଦନ ସର୍ବାଙ୍ଗ ବେଶ କରାଯିବ ବୋଲି ଭକ୍ତ ଜଣଙ୍କ କହିଛନ୍ତି। ଏହି ସମୟରେ ସାକ୍ଷୀଗୋପାଳଙ୍କ ପୂଜାପଣ୍ଡା ବିଶ୍ୱନାଥ ମହାପାତ୍ର ଓ ନରହରି ମହାପାତ୍ର ଉପସ୍ଥିତ ଥିଲେ।

### ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ କାୟାକଳ୍ପ ପୁରସ୍କାର

ଚାରିଛକ,୩୦।୩(ଶିଶିର ସ୍ୱାଇଁ):

ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଜିଲାରେ ପ୍ରଥମ ଭାବେ କାୟାକଳ୍ପ ପୁରସ୍କାର ମିଳିଛି। ଏନେଇ ଶନିବାର ଘୋଷଣା କରାଯାଇଛି। ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ ଡାକ୍ତର ଓ କର୍ମଚାରୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ଡ. ପ୍ରଶାନ୍ତ ସାମନ୍ତରାୟ, ଡ. ଅଭିନନ୍ଦନ ମହାପାତ୍ର, ଡ. ମହେଶ ପ୍ରସାଦ ମହାପାତ୍ର, ଡ. ସରୋଜଲକ୍ଷ୍ମୀ ଦାଶ, ଶିବ ନାରାୟଣ ନନ୍ଦ, ବିପିଏମ୍ ଆଶୁତୋଷ ମିଶ୍ର, ତପନ ସାହୁ, ବିଶ୍ୱ ରଞ୍ଜନ ସେନ, ଶୁଭମ ମହାପାତ୍ର, ଦୀପକ ଗୋଚ୍ଛାୟତ ପ୍ରମୁଖ ଏଥିପାଇଁ ଖୁସିବ୍ୟକ୍ତ କରିଛନ୍ତି।

## ନିର୍ଦ୍ଦେଶ ପରେ ଗୋଚର ଜମି ଦଖଲ ଉଚ୍ଛେଦ ହେଲାନି

ଯୋଗେଶ୍ୱରପୁର,୩୦।୩(ରଶ୍ମିରଞ୍ଜନ ସାହୁ):

ସରକାରୀ ଜମିକୁ ସୁରକ୍ଷା ଦେବା ପରିବର୍ତ୍ତେ ପ୍ରଶାସନ ହାତଗୁଞ୍ଜା ନେଇ ସୁରକ୍ଷା ଦେଉଛି। ଫଳରେ ସରକାରୀ ଗୋଚର ଜମିକୁ ଯିଏ ପାଉଛି ସିଏ ମାଡ଼ିବସୁଛି। ଜମି ଜବରଦଖଲ ପାଇଁ ଏକପ୍ରକାର ପ୍ରତିଯୋଗିତା ଚାଲିଛି। ଏଭଳି ଘଟଣା ଦେଖିବାକୁ ମିଳିଛି ପୁରୀ ଜିଲା ନୟାହାଟ ଅଞ୍ଚଳରେ। ଯୋଗେଶ୍ୱପୁର ଅଞ୍ଚଳରେ ଏକ ବେସରକାରୀ ଇଂଲିଶ ଶିକ୍ଷାନୁଷ୍ଠାନ ଦୀର୍ଘବର୍ଷ ଧରି ୪ ଗୁଣ୍ଠ ଗୋଚର ଜମି ଜବରଦଖଲ କରି ମାଡ଼ିବସିଛି। ଏ ସମ୍ପର୍କରେ ଅଭିଯୋଗ ହେବାରୁ ପୁରୀ ଜିଲା ରାଜସ୍ୱ ବିଭାଗ ଚିଠି ନଂ.୩୮୬, ତା ୭।୨।୨୦୨୩ରେ ଉଚ୍ଛେଦ କରିବାକୁ ତହସିଲଦାରଙ୍କୁ ଚିଠି କରିଥିଲା। ଏହାକୁ ବର୍ଷେ ବିତିଯାଇଥିଲେ ମଧ ଅଦ୍ୟାବଧି ଗୋଚର ଜମି ଉଚ୍ଛେଦ ହୋଇପାରିନାହିଁ। ଏ ସମ୍ପର୍କରେ ଜଙ୍ଗଲବରୀ ଆର୍‌ଆଇ ସୁଶ୍ରୀ ସଙ୍ଗୀତାଙ୍କୁ ଯୋଗାଯୋଗ କରିବାରେ ସେ ଫୋନ୍ ଉଠାଇ ନ ଥିଲେ। ଗୋଚର ଜମି ଜବରଦଖଲ କରିଥିବା ଶିକ୍ଷାନୁଷ୍ଠାନର ମାଲିକ ଚାରିପଟେ ବାଡ଼ବନ୍ଦୀ କରି ରଖିବା ଫଳରେ ଗାଈ, ଛେଳି, ମେଣ୍ଢା ଚରିବାରେ ବାଧା ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଗୋପ ତହସିଲଦାର ରଞ୍ଜନ କୁମାର ପରିଡ଼ାଙ୍କୁ ପଚାରିବାରେ, ପୂର୍ବତନ ତହସିଲଦାର ସେକ୍ ସାଗିରଙ୍କ ସମୟରେ ସରକାରୀ ନିର୍ଦ୍ଦେଶ ଆସିଥିଲା, ସେ କ'ଣ ପାଇଁ ଉଚ୍ଛେଦ କରିନାହାନ୍ତି ସେକଥା କହିପାରିବେନି।



ଭଗବତୀ ବିଦ୍ୟା ନିକେତନର ରୌପ୍ୟ ଜୟନ୍ତୀ ସମାରୋହରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ପିଲାମାନେ ନୃତ୍ୟ ପରିବେଷଣ କରୁଛନ୍ତି।

## ଗୁପ୍ତ ବୈଠକକୁ ନେଇ ନିମାପଡ଼ା ନିର୍ବାଚନମଣ୍ଡଳୀରେ ଚର୍ଚ୍ଚା

ଗୋପ,୩୦।୩(ଭାରତୀ ଭୂଷଣ ଉପାଧ୍ୟାୟ):

ସାଧାରଣ ନିର୍ବାଚନକୁ ନେଇ ଶନିବାର ନିମାପଡ଼ା ନିର୍ବାଚନମଣ୍ଡଳୀ ମଧ୍ୟରେ ରହିଥିବା ଗୋପ ବ୍ଲକର ୧୪ ଗୋଟି ପଞ୍ଚାୟତର ନେତୃତ୍ୱଙ୍କ ଉପସ୍ଥିତିରେ ଏକ ଗୁପ୍ତ ବୈଠକ ଅନୁଷ୍ଠିତ ହୋଇଯାଇଛି। ନାଗପୁରସ୍ଥିତ ଏକ ସ୍ଥାନରେ ହୋଇଥିବା ଏହି ବୈଠକରେ ଜଗତ୍‌ସିଂହପୁର ସାଂସଦଙ୍କ ପ୍ରତିନିଧି ସୁକାନ୍ତ ମହାନ୍ତି ସଭାପତିତ୍ୱ କରିଥିଲେ। ଯଦି ଏହି ସାଧାରଣ ନିର୍ବାଚନରେ କ୍ରମାଗତ ଭାବେ ବିରୋଧୀ ଦଳର ପ୍ରାର୍ଥୀଙ୍କୁ ଲଗାତର ୩ ଥର ୩୦ ହଜାରରୁ ଅଧିକ ଭୋଟ ବ୍ୟବଧାନରେ ହରାଇ ବିଜୟୀ ହୋଇ ରେକର୍ଡ ସୃଷ୍ଟି କରିଥିବା ବିଧାୟକ ସମୀର ରଞ୍ଜନ ଦାଶଙ୍କୁ ଦଳରେ ଅଣଦେଖା କରାଯାଏ, ତା' ହେଲେ ସମସ୍ତ ପଞ୍ଚାୟତ ନେତୃତ୍ୱ ଓ ଲୋକ ପ୍ରତିନିଧି ଶେଷରେ ଦଳ ପରିବର୍ତ୍ତନ କରିବେ ବୋଲି ପ୍ରତିଶ୍ରୁତି ଦେବା ସହ ଶପଥପାଠ କରିଥିଲେ। ସମୀରଙ୍କ ୪୦ ବର୍ଷ ରାଜନୀତି ଜୀବନକାଳରେ ସାଧାରଣ ଲୋକଙ୍କ ସମସ୍ୟା ସମାଧାନ, ବିଭିନ୍ନ ପଞ୍ଚାୟତରେ ସଂଗଠନ ତିଆରି, ସାଧାରଣ ଲୋକଙ୍କୁ ନିଜର ପରିବାର ପରି ଦେଖିବା, ଗାଁରେ ବିକାଶମୂଳକ କାର୍ଯ୍ୟ କରିବା ପରେ ଯଦି ତାଙ୍କୁ ଅଣଦେଖା କରାଯାଏ, ତେବେ ସେମାନେ ନିଶ୍ଚିତ ଦଳ ପରିବର୍ତ୍ତନ କରିବେ ବୋଲି କହିଥିଲେ। ଏପରି ବୈଠକ ବାବଦରେ ବିଧାୟକ ଦାଶ କହିଛନ୍ତି, 'ସେ ଦଳର ଜଣେ ସାଂଗଠନିକ ସଂସ୍କାର ଓ ଶୃଙ୍ଖଳିତ କର୍ମୀ। ତାଙ୍କର ନେତା ନବୀନ ପଟ୍ଟନାୟକ। ତାଙ୍କୁ ନିମାପଡ଼ା ନିର୍ବାଚନମଣ୍ଡଳୀ ପାଇଁ ଟିକେଟ ମିଳିବ ବୋଲି ପୂର୍ଣ୍ଣ ବିଶ୍ୱାସ ରହିଛି। ସେ ମଧ ୪ର୍ଥ ଥର ପାଇଁ ବିରୋଧୀଙ୍କୁ ପରାସ୍ତ କରି ବିଜୟୀ ହେବେ। ତେବେ ଗୁପ୍ତ ବୈଠକ କିଏ କରିଛି, କାହିଁକି କରିଛି ସେ ବାବଦରେ ତାଙ୍କ ନିକଟରେ ଖବର ନାହିଁ ବୋଲି ଦାଶ କହିଥିଲେ।

## ରାସ୍ତା ନିର୍ମାଣ ନିମନ୍ତେ କୋଣାର୍କ ଏନ୍‌ଏସି ପକ୍ଷରୁ ଟାଙ୍କି ଉଚ୍ଛେଦ

- ହାଇକୋର୍ଟ ଆଦେଶକୁ ଅବମାନନା ଅଭିଯୋଗ
- ନୋଟିସ ନ ଦେଇ ଭାଙ୍ଗିଲା ପ୍ରଶାସନ

କୋଣାର୍କ,୩୦।୩ (ଜ୍ୟୋତିରାଜ ମହାନ୍ତି):

କୋଣାର୍କ ଏନ୍‌ଏସି ୯ ନଂ. ୱାର୍ଡ ମାର୍କେଟ କମ୍ପ୍ଲେକ୍ସରେ ନିର୍ମାଣାଧୀନ ଏକ ଟାଙ୍କିକୁ ରାସ୍ତା ନିର୍ମାଣ ନିମନ୍ତେ କୋଣାର୍କ ଏନ୍‌ଏସି ପକ୍ଷରୁ ଉଚ୍ଛେଦ କରାଯିବା ସମୟରେ ହାଇକୋର୍ଟଙ୍କ ଆଦେଶ ଅବମାନନା ହୋଇଥିବା ଅଭିଯୋଗ ହୋଇଛି। କୋଣାର୍କ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଧଳ ଶନିବାର ଏକ ପ୍ଲାଟୁନ ଫୋର୍ସ, ଡ୍ରୋଜର ସହ ଘଟଣା ସ୍ଥଳରେ ପହଞ୍ଚି ଉକ୍ତ ଟାଙ୍କିକୁ ଉଚ୍ଛେଦ କରିଥିଲେ। ଏଥିରେ ଜମି ମାଲିକ ରବୀନ୍ଦ୍ରନାଥ ବାହିନୀପତି ବିରୋଧ କରିବାରୁ ତାଙ୍କୁ ପୋଲିସ ଉଠାଇ ନେଇ ଥାନାରେ ଅଟକ ରଖି ପଚରାଉଚରା ଚଳାଇଥିବା ଜଣାପଡ଼ିଛି।

ଖବରରୁ ଜଣାଯାଏ, ବାହିନୀପତି କୋଣାର୍କ ମୌଜା ସାବକ ଖାତା ନଂ. ୪୧୫, ପ୍ଲଟ ନଂ. ୧୬୦୪, ହାଲ ପ୍ଲଟ ନଂ. ୨୧୦୯/୨୫୯୧ ହାଲ ଖାତା ନଂ. ୬୪୩, ଏରିଆ ୭ ଡିସିମିଲରେ ଗୃହ ନିର୍ମାଣ କରିବା ପରେ ବର୍ଜ୍ୟପାଣି ନିଷ୍କାସନ ନିମନ୍ତେ ଏକ ଟାଙ୍କି ନିର୍ମାଣ କରୁଥିଲେ। ମାତ୍ର ଏହି ଟାଙ୍କି ନିର୍ମାଣ ସ୍ଥାନରେ କୋଣାର୍କ ଏନ୍‌ଏସି ପକ୍ଷରୁ ଏକ ୪୦ ଫୁଟ ଓସାର ବିଶିଷ୍ଟ ଫେବର ରାସ୍ତା ନିର୍ମାଣ ପାଇଁ ନିର୍ଦ୍ଦେଶ ଥିବା ଦର୍ଶାଇ କାର୍ଯ୍ୟନିର୍ବାହୀ ଅଧିକାରୀ ଧଳ ଉକ୍ତ ଟାଙ୍କିକୁ ଉଚ୍ଛେଦ କରିଥିଲେ। ଏହାକୁ ବିରୋଧ କରି ବାହିନୀପତି ଗୃହର ସମସ୍ତ କାଗଜପତ୍ର ଦେଖାଇଥିବା ସହ କହିଥିଲେ, ଏପରି କରିବାରେ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ ହେଉଛି। ଏହାକୁ ଭାଙ୍ଗିବା ନିମନ୍ତେ ତାଙ୍କୁ ପୂର୍ବରୁ କୌଣସି ନୋଟିସ ହୋଇନାହିଁ। ତାଙ୍କୁ ୨ ଦିନ ସମୟ ଦିଆଯାଉ, ଅମିନ ଜରିଆରେ ମାପ କରାଯିବ। ଯଦି ଟାଙ୍କି ତାଙ୍କ ଜମି ଅଧୀନରେ ଆସୁନାହିଁ ତେବେ ସେ ନିଜେ ଟାଙ୍କିକୁ ଭାଙ୍ଗିବେ ବୋଲି ପ୍ରଶାସନ ସହିତ ଲିଖିତ ଏଗ୍ରିମେଣ୍ଟ କରିବାକୁ ରାଜି ବୋଲି କହିଥିଲେ। ତେବେ ଉଚ୍ଛେଦ ହେବା ସମ୍ପର୍କରେ ଗୃହ ମାଲିକ ବାହିନୀପତି ସୂଚନା ପାଇ କୋଣାର୍କ ଏନ୍‌ଏସି କାର୍ଯ୍ୟାଳୟରେ ଗୃହର ସମସ୍ତ କାଗଜପତ୍ର ପୈଠ କରିଥିଲେ। ଏଥିସହ ଉକ୍ତ ସ୍ଥାନକୁ ନେଇ ହାଇକୋର୍ଟରେ ମାମଲା ଥିବା ଓ କୋର୍ଟ ଆଦେଶର ଏକ ନକଲ ମଧ ଦେଖାଇଥିଲେ। ଯେଉଁଥିରେ ଉକ୍ତ ସ୍ଥାନଟି ୪୦ ଫୁଟ ଓସାର ରାସ୍ତାଠାରୁ ଦୂରରେ ଥିବା ଓ ସ୍ଥିତିବାନ ସମ୍ପତ୍ତି ଭିତରେ ହୋଇଥିବା ଦର୍ଶାଯାଇଛି।



ଉଚ୍ଛେଦ କରାଯାଉଛି ।

## ଇଫ୍‌ତାର ପାର୍ଟିରେ ଯୋଗ ଦେଲେ ଭାଜପା ବିଧାୟକ ପ୍ରାର୍ଥୀ

ପିପିଲି,୩୦।୩(ପ୍ରଭାତ ମହାପାତ୍ର):

ପିପିଲି ପୌରାଞ୍ଚଳ ୧୪ନଂ. ୱାର୍ଡ ସୁଲତାନ ନଗର ମସଜିଦ ପରିସରରେ ହେଉଥିବା ଇଫତାର ପାର୍ଟିରେ ଶନିବାର ଭାଜପା ବିଧାୟକ ପ୍ରାର୍ଥୀ ଆଶ୍ରୀତ ପଟ୍ଟନାୟକ ସାମିଲ ହୋଇଥିଲେ। ସନ୍ଧ୍ୟାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପଟ୍ଟନାୟକଙ୍କ ସହ ପିପିଲି ନଗର ସଭାପତି ସୁକାନ୍ତ ଭଞ୍ଜ, କାଉନସିଲର ବିଭୁତି ଭୂଷଣ ବାରିକ, ଜିଲା ଯୁବମୋର୍ଚ୍ଚା ଭାଜପା ଉପସଭାପତି ପ୍ରଫୁଲ୍ଲ ସାହୁଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏହି ଧାର୍ମିକ କାର୍ଯ୍ୟରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଗ୍ରାମର ସେକ୍ ଆସିପୁର ରେହେମନ, ସେକ୍ ଅଲ୍ଲି ବାବୁଲା, ସେକ୍ ଆଲେଜହୁର୍ ଖାଁ, ମହମ୍ମଦ ରେହେମନ, ଅମୀର ଖାଁ, ସେକ୍ ଖଲିଲ୍, ହବିବୁର ରେହେମନ, ବରିଷ୍ଠ ନେତା ରାମଚନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲ। ଗ୍ରାମର ୩ ଶହରୁ ଊର୍ଦ୍ଧ୍ୱ ମୁସଲିମ ଭାଇମାନେ ଏଥିରେ ସାମିଲ ହୋଇଥିଲେ।

## ଭାଇଚାରାର ପ୍ରତୀକ ବ୍ରହ୍ମଗିରି ପଞ୍ଚଦୋଳ ମେଳଣ

ବ୍ରହ୍ମଗିରି,୩୦।୩(ସ୍ୱାଧୀନ ଚମ୍ପତିରାୟ):

ଦୋଳ ମେଳଣ ଇତିହାସରେ ଓଡ଼ିଶା ପ୍ରସିଦ୍ଧ ବ୍ରହ୍ମଗିରି ପଞ୍ଚପାଣ୍ଡବ ମେଳଣ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛି। ଏହି ମେଳଣ ଭାଇଚାରର ପ୍ରତୀକ। ପୌରାଣିକବାଦ ଅନୁଯାୟୀ ପାଣ୍ଡବ ୫ ଭାଇ ଯେପରି ଗୋଟିଏ ସୂତ୍ରରେ ବାନ୍ଧି ହୋଇ ରହିଥିଲେ, ସେହିପରି ଉକ୍ତ ମେଳଣ ଅଞ୍ଚଳବାସୀଙ୍କୁ ଗୋଟିଏ ସୂତ୍ରରେ ବାନ୍ଧି ରଖିଛି। ମେଳଣର ମୁଖ୍ୟ ଆକର୍ଷଣ ହେଲା ୧୦୮ ଦୋଳ ସହିତ ପଞ୍ଚପାଣ୍ଡବ ଏବଂ ଭଗବାନ ବିଷ୍ଣୁଙ୍କ ମିଳନର ଦୃଶ୍ୟ। ପଞ୍ଚପାଣ୍ଡବଙ୍କ ସହିତ ଭଗବାନ ନାରାୟଣଙ୍କୁ ଏକା ସାଙ୍ଗରେ ଦର୍ଶନ କଲେ କୋଟି ପୁଣ୍ୟ ଅର୍ଜନ ହୁଏ ବୋଲି ପୌରାଣିକ କଥା ରହିଛି। ଏହି ପ୍ରବାଦକୁ ନେଇ ପୁରୀ ଜିଲା ଅଧୀନ ବ୍ରହ୍ମପୀଠ ବ୍ରହ୍ମଗିରିରେ କେଉଁ ଅନାଦି କାଳରୁ ଉକ୍ତ ପଞ୍ଚପାଣ୍ଡବ ମେଳଣର ସୃଷ୍ଟି। ଯେତେବେଳେ ୫ ପାଣ୍ଡବ ଅଜ୍ଞାତ ବନବାସ କରିଥିଲେ ସେହି ସମୟରେ ସେମାନେ ୫ ଶିବଲିଙ୍ଗ ସ୍ଥାପନ କରି ପୂଜା କରିଥିଲେ। ସେମାନଙ୍କ ନାମ ଅନୁସାରେ ଏହି ଶିବଲିଙ୍ଗର ନାମକରଣ କରାଯାଇଥିଲା। ଏହି କଥାକୁ ବିଶ୍ୱାସ କରି ଅଞ୍ଚଳବାସୀ ଯୁଧିଷ୍ଠିରଦେବ ବିଜେ ସୁନାମୁହିଁ, ଭୀମେଶ୍ୱର ଦେବ ବିଜେ ଚାପମାଣିକ, ଅର୍ଜ୍ଜୁନେଶ୍ୱରଦେବ ବିଜେ କାଳିକାବାଡି, ନାଗେଶ୍ୱର ଦେବ ବିଜେ ନାଗେଶ୍ୱର ଓ ବାଲିସହଦେବ ବିଜେ ସହଦେବପୁରରେ ଅବସ୍ଥିତ ଉକ୍ତ ଶୈବପୀଠକୁ ପଞ୍ଚପାଣ୍ଡବ ଭାବେ ପୂଜାକରି ଆସୁଛନ୍ତି। ପଞ୍ଚପାଣ୍ଡବଙ୍କ ସହିତ ଶ୍ରୀଶ୍ରୀ ଗୋପୀନାଥ ଦେବ ମିଳନରେ ଏହି ମେଳଣ ହୁଏ। ଏହି ମେଳଣ ଚୈତ୍ରମାସ କୃଷ୍ଣପକ୍ଷ ୫ମୀ ତିଥିରୁ ୭ମୀ ତିଥି ପର୍ଯ୍ୟନ୍ତ ହୁଏ। ୬୨ ମୌଜାରୁ ୧୦୮ଟି ବିମାନରେ ଠାକୁରମାନେ ମେଳଣ ପଡ଼ିଆରେ ପହଞ୍ଚନ୍ତି। ଠାକୁର ଆସିବା ସମୟରେ ପୁରୀ ପ୍ରସିଦ୍ଧ ନାଗାନୃତ୍ୟ ଏଠାରେ ଦେଖିବାକୁ ମିଳିଥାଏ। ଏହି ମେଳଣ ୩ ଦିନ ଧରି ଅନୁଷ୍ଠିତ ହୋଇଥାଏ। ଶନିବାରଠାରୁ ଏହି ମେଳଣନର ଜମାଣ ଉତ୍ସବ ଆରମ୍ଭ ହୋଇଛି। ମଧରାତ୍ରରୁ ପାଣ୍ଡବ ୫ ଭାଇଙ୍କ ସହିତ ଥାନପତି ଗୋପୀନାଥ ଦେବଙ୍କୁ ମେଳଣ କୁଞ୍ଜକୁ ନିଆଯାଇଥିଲା। ଠାକୁରଙ୍କ ବିମାନ ଶୋଭାଯାତ୍ରାରେ ପାରମ୍ପରିକ ନାଗା ଓ ମେଢନୃତ୍ୟ, ଘଣ୍ଟମର୍ଦ୍ଦଳର ବିରାଟ ଶୋଭାଯାତ୍ରା ବେଶ୍ ଚିତ୍ତାକର୍ଷକ ଥିଲା।

## ବ୍ଲକର ୨୨ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ କାୟାକଳ୍ପ ପୁରସ୍କାର

କଣାସ,୩୦।୩(ବିଭୂତି ଭୂଷଣ ତ୍ରିପାଠୀ):

ରାଜ୍ୟସ୍ତରୀୟ କାୟାକଳ୍ପ ପୁରସ୍କାର ଶନିବାର ଜାତୀୟ ସ୍ୱାସ୍ଥ୍ୟ ମିଶନର ଚିଠି ସଂଖ୍ୟା ୩୯୧୨ରେ ବିଧିବଦ୍ଧ ଘୋଷଣା କରାଯାଇଛି। ପୁରୀ ଜିଲା କଣାସ ବ୍ଲକର ମୋଟ ୨୨ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଏହି ଶ୍ରେୟ ମିଳିଥିବାବେଳେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଡା. ରମେଶ ଚନ୍ଦ୍ର ବେହେରା ଏହି ସୂଚନା ଦେଇଛନ୍ତି। ଏ ବର୍ଷ ସାହୁପଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ କାଦୁଆ ପଞ୍ଚାୟତସ୍ଥ ସାହାସପୁର ସ୍ୱାସ୍ଥ୍ୟ ଓ ଆରୋଗ୍ୟ ଉପକେନ୍ଦ୍ରକୁ ଜିଲାରେ ପ୍ରଥମ ସ୍ଥାନ ମିଳିଛି। ତେବେ ଦ୍ୱିତୀୟ ଥର ପାଇଁ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ କାୟାକଳ୍ପ ପୁରସ୍କାର ମିଳିଛି। ସବୁବର୍ଷ ଭଳି ବ୍ଲକର ସମସ୍ତ ୫ଟି ସ୍ୱାସ୍ଥ୍ୟକେନ୍ଦ୍ରକୁ ପୁନଶ୍ଚ କାୟାକଳ୍ପ ମାନ୍ୟତା ମିଳିଥିବାବେଳେ ସାହୁପଡା ପ୍ରାଥମିକ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଚଳିତବର୍ଷ ପୁରୀ ଜିଲାରେ ଶ୍ରେଷ୍ଠ ବିବେଚିତ ହୋଇଛି। ପଞ୍ଚାୟତସ୍ତରରେ ଥିବା ୧୬ଟି ଆରୋଗ୍ୟ ଉପସ୍ୱାସ୍ଥ୍ୟକେନ୍ଦ୍ରକୁ ଚଳିତବର୍ଷ କାୟାକଳ୍ପ ମାନ୍ୟତା ମିଳିଛି। ଡାକ୍ତରଖାନା ରକ୍ଷଣାବେକ୍ଷଣ, ପରିଷ୍କାର ପରିଚ୍ଛନ୍ନତା, ସ୍ୱଚ୍ଛତା ପ୍ରୋତ୍ସାହନ, ଡାକ୍ତରଖାନା ବର୍ଜ୍ୟବସ୍ତୁ ପରିଚାଳନା, ସଂକ୍ରମଣ ପ୍ରତିରୋଧ, ରୋଗୀ ସେବା, ଡାକ୍ତରଖାନା ପରିସର ବାହାର ପରିବେଶ ଉପଯୋଗୀ ଆଦି ୮ଟି ମାନଦଣ୍ଡକୁ ଅନୁଧ୍ୟାନ କରାଯାଇ ପ୍ରତ୍ୟେକ ବର୍ଷ ସ୍ୱାସ୍ଥ୍ୟ ଅନୁଷ୍ଠାନକୁ କାୟାକଳ୍ପ ପୁରସ୍କାର ପାଇଁ ରାଜ୍ୟସ୍ତରରେ ଆକଳନ କରାଯାଏ। ଚଳିତବର୍ଷ ଫେବୃୟାରୀରେ ରାଜ୍ୟସ୍ତରୀୟ ଅନୁଧ୍ୟାନ ଟିମ୍ ଏହି ଆକଳନ କରିଥିଲା।



କାୟାକଳ୍ପ ଟିମ୍ ସହ ସାହାସପୁର ସ୍ୱାସ୍ଥ୍ୟ ଓ ଆରୋଗ୍ୟ ଉପକେନ୍ଦ୍ରର କର୍ମକର୍ତ୍ତାମାନେ ।

## ଓଡ଼ିଶୀ ନୃତ୍ୟ 'ଗ୍ଲାନି ସଂହାର'ରେ ଦର୍ଶକ ବିଭୋର

### ଗୁରୁକୁଳ ଉତ୍ସବର ଦ୍ୱିତୀୟ ସନ୍ଧ୍ୟା

ସାକ୍ଷୀଗୋପାଳ,୩୦।୩
(ପ୍ରଶାନ୍ତ ବାରିକ୍/କିଶୋର ମହାପାତ୍ର):

ସତ୍ୟବାଦୀର ବଡ଼ହାଟ ବୀରଗୋବିନ୍ଦପୁରଠାରେ ପ୍ରତିଷ୍ଠିତ ରାମହରି ଦାସ ଗୁରୁକୁଳ ଟ୍ରଷ୍ଟର ଗୁରୁକୁଳ ଉତ୍ସବ- ୨୦୨୩ ଶନିବାର ଦ୍ୱିତୀୟ ଦିବସରେ ପହଞ୍ଚିଛି। ଉତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ସୁଶ୍ରୀ ସୁଭାସିନୀ ରାଉତ ଓ ନେହା ନିହାରିକା ଦୈତ୍ୟ ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ଗାୟନ ପରିବେଷଣ କରିଥିଲେ। ପରେ ଗୁରୁ ବିଶ୍ୱରଞ୍ଜନ ନନ୍ଦ ଏବଂ ସାଥୀଙ୍କ ସହ ତାଳବାଦ୍ୟ ବିଚିତ୍ରା ଓ ଜାଗୃତି କଲଚରାଲ ଏକାଡେମୀ ଭୁବନେଶ୍ୱରର କଳାକାରମାନେ ଉଚ୍ଚକୋଟୀର ଓଡ଼ିଶୀ ନୃତ୍ୟ 'ଗ୍ଲାନି ସଂହାର' ପରିବେଷଣ କରିଥିଲେ। ଏହି ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଦର୍ଶକ ମନଭରି ଉପଭୋଗ କରିଥିଲେ। ଶେଷରେ ଉତ୍କଳ ସାହିତ୍ୟ ଓ କଳା ସଂସଦ ଭୁବନେଶ୍ୱର ପକ୍ଷରୁ ପ୍ରସନ୍ନ ସାମନ୍ତ ଓ ସାଥୀଙ୍କ ଦ୍ୱାରା ଫକୀର ମୋହନ ସେନାପତିଙ୍କ ରଚିତ ହାସ୍ୟ ରସାତ୍ମକ ନାଟକ 'ପେଟେଣ୍ଟ ମେଡିସିନ' ପରିବେଷଣ କରାଯାଇଥିଲା। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ ଯୋଗଦେଇ ଠାକୁରଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଗୁରୁକୁଳ ପ୍ରତିଷ୍ଠାତା ଗୁରୁ ରାମହରି ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଡ. ଶ୍ରୀନିବାସ ଘଟୁଆରୀ ମଞ୍ଚ ଓ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନୁଷ୍ଠାନର ଗୁରୁ ହିମାଂଶୁ ସ୍ୱାଇଁ ଓ ଅନ୍ୟମାନେ ସହଯୋଗ କରିଥିଲେ।



ଗୁରୁକୁଳ ଉତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଅତିଥି ପ୍ରଦୀପ ପ୍ରଜ୍ୱଳନ କରୁଛନ୍ତି ।

## ସଂକ୍ଷେପରେ

### ଏକାମ୍ର ସାହିତ୍ୟ ସଂସଦ ପକ୍ଷରୁ ସାହିତ୍ୟ ଉତ୍ସବ

ଭୁବନେଶ୍ୱର, ୩୦ ।୩ (ବନ୍ଦନା ସେଠୀ)– ଏକାମ୍ର ସାହିତ୍ୟ ସଂସଦ ଭୁବନେଶ୍ୱରର ମାସିକ ସାହିତ୍ୟ ତଥା ଗଳ୍ପ/କବିତା ପାଠ ଉତ୍ସବ ଖଣ୍ଡଗିରିସ୍ଥିତ ଖାରବେଳ ପାର୍କ ଖୋଲାମଞ୍ଚରେ ଅନୁଷ୍ଠିତ ହୋଇଯାଇଛି। ସଂସଦର ଉପସଭାପତି ଦୁର୍ଯ୍ୟୋଧନ କାଠୁଆ ଅଧ୍ୟକ୍ଷତା କରି କବି ଓ ଲେଖକମାନଙ୍କ ଲେଖା ଉପରେ ସଂକ୍ଷିପ୍ତ ଆଲୋଚନା କରିଥିଲେ। ଏଥିସହ ସାହିତ୍ୟ କିପରି ଜୀବନର ଆଲେଖ୍ୟ ଓ ବାସ୍ତବ ଜୀବନର ପ୍ରତିଫଳନ ତାହା ଉପରେ ଆଲୋକପାତ କରିଥିଲେ। ସାଧାରଣ ସମ୍ପାଦକ ହଂସନାଥ ମୁଦୁଲି ସ୍ୱାଗତ ଭାଷଣ ଦେଇଥିବାବେଳେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଗୀତିକବି କୁଳମଣି ମହାନ୍ତି। କାର୍ଯ୍ୟକ୍ରମରେ ବ୍ରତତୀ ଚାଟାର୍ଜୀ ଜଗନ୍ନାଥ ଭଜନ ପରିବେଷଣ କରିଥିବାବେଳେ, ପ୍ରକାଶ ଚନ୍ଦ୍ର ମିଶ୍ର, ରତ୍ନାକର ରାଉତରାୟ, ସୋମନାଥ ସୁନ୍ଦରାୟ, ଅନୀଲ କୁମାର ବିଶୋୟୀ, ଗିରିଧାରୀ ସାହୁ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ପ୍ରଭାତ ରଞ୍ଜନ ପରିଡା ୧୯୯୯ ବାତ୍ୟା ଉପରେ ଏକ ଆଲେଖ୍ୟ, କୁଳମଣି ମହାନ୍ତି ଗଳ୍ପ ଏବଂ ହଂସନାଥ ପ୍ରବନ୍ଧ ପାଠ କରିଥିଲେ।

### ଗୋରୁ ବୋଝେଇ ଗାଡ଼ି ଜବତ



କଳାପଥର,୩୦ ।୩(ଗଙ୍ଗାଧର ସାହୁ)

ବୈଦେଶ୍ୱର ଥାନା ପୋଲିସ ଶନିବାର ଅପରାହ୍ନରେ ଏକ ଗୋରୁ ବୋଝେଇ ଗାଡ଼ି ଜବତ କରିଛି। ସମସ୍ତ ଗୋରୁଙ୍କୁ ଥାନା ପରିସରରେ ରଖାଯାଇଥିବା ବେଳେ ଗୋଶାଳାରେ ଛଡ଼ାଯିବ ବୋଲି ଥାନା ଅଧିକାରୀ ପ୍ରିୟଦର୍ଶନ ସେଠୀ କହିଛନ୍ତି। ସୂଚନା ମୁତାବକ, ଏକ ଗୋରୁ ବୋଝେଇ ଗାଡ଼ି କଳାପଥର ଟାଉନ ଦେଇ ତିଗିରିଆ ଅଭିମୁଖେ ଯାଉଥିଲା। ଖବରପାଇ ପୋଲିସ ବୈଦେଶ୍ୱର ଟି ସେତୁ ନିକଟରେ ଉକ୍ତ ଗାଡ଼ିକୁ ଜବତ କରିଥିବା ବେଳେ ଡ୍ରାଇଭର ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଏନେଇ ପୋଲିସ ଅଧିକ ତଦନ୍ତ ଚଳାଇଛି।

# ଅପରାହ୍ନ ୩ଟା ୩୦ରେ ରଥଟଣା

## ଶ୍ରୀଲିଙ୍ଗରାଜଙ୍କ ଅଶୋକାଷ୍ଟମୀ ରଥଯାତ୍ରା ପ୍ରସ୍ତୁତି ବୈଠକ

ପୁରୁଣା ଭୁବନେଶ୍ୱର,୩୦।୩
(ସୁବାସ ଚନ୍ଦ୍ର ପ୍ରଧାନ)



ଆସନ୍ତା ଏପ୍ରିଲ ୧୬ ତାରିଖରେ ମହାପ୍ରଭୁ ଲିଙ୍ଗରାଜଙ୍କ ଅଶୋକାଷ୍ଟମୀ ରଥଯାତ୍ରା। ଏହି ରଥଯାତ୍ରାର ସୁପରିଚାଳନା ନିମନ୍ତେ ଜିଲାପାଳ ଚଞ୍ଚଳ ରାଣାଙ୍କ ଅଧ୍ୟକ୍ଷତାରେ ଶନିବାର ଭୁବନେଶ୍ୱରସ୍ଥିତ ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଚଳିତ ବର୍ଷ ଶୃଙ୍ଖଳିତ ଭାବେ ଜାଗର ଯାତ୍ରା ହୋଇଥିବାରୁ ସେବାୟତ ଓ ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କୁ ଜିଲାପାଳ ଧନ୍ୟବାଦ ଦେଇଥିଲେ। ଅଶୋକାଷ୍ଟମୀ ରଥଯାତ୍ରା ନିମନ୍ତେ ଜିଲାପାଳ ସମସ୍ତଙ୍କର ସହଯୋଗ ଲୋଡ଼ିଥିଲେ। ଉକ୍ତଦିନ ଭୋର୍ ୫ଟାରେ ମଙ୍ଗଳ ଆଳତି ଓ ଅବକାଶ, ସମୟାନୁଯାୟୀ ଅନ୍ୟାନ୍ୟ ନୀତିକାନ୍ତି ଅନୁଷ୍ଠିତ ହୋଇ ଅପରାହ୍ନ ୩ଟା ୩୦ରେ ରଥଟଣା ହେବ। ସେହିଭଳି ୨୦ତାରିଖରେ ବାହୁଡ଼ାଯାତ୍ରା ଅନୁଷ୍ଠିତ ହେବ। ରଥଯାତ୍ରା ସମୟରେ ସମ୍ପୃକ୍ତ ବିଭାଗ କର୍ମଚାରୀ ନିଜ ନିଜର ଦାୟିତ୍ୱ ସମ୍ପନ୍ନ କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ମନ୍ଦିର ଆଲୋକ ସଜ୍ଜା, ପରିଷ୍କାର ପରିଚ୍ଛନ୍ନତା, ଆଲୋକୀକରଣ, ଜଳଯୋଗାଣ, ଅଗ୍ନିଶମ ବାହିନୀ ମୁତୟନ, ଆଶୁ ଆରୋଗ୍ୟ କେନ୍ଦ୍ର, ଆମ୍ବୁଲାନ୍ସ ସେବା, ଶାନ୍ତିଶୃଙ୍ଖଳା ରକ୍ଷା ଏବଂ ଅସ୍ଥାୟୀ ସୂଚନା କେନ୍ଦ୍ର ଖୋଲିବା ପାଇଁ ଅଧିକାରୀମାନଙ୍କୁ ଦାୟିତ୍ୱ ଦିଆଯାଇଛି। ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯିବ। ଏଥିସହ ପାନୀୟ ଜଳଯୋଗାଣ ଓ ଜଳସିଞ୍ଚନ ନିମନ୍ତେ ବିଭିନ୍ନ ବେସରକାରୀ ସଙ୍ଗଠନର ମଧ୍ୟ ସହଯୋଗ ଲୋଡ଼ାଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ଅତିରିକ୍ତ ଜିଲାପାଳ ରୁଦ୍ରନାରାୟଣ ମହାନ୍ତି, ଉପଜିଲାପାଳ ଚିନ୍ମୟ ଆଚାର୍ଯ୍ୟ, ଦେବୋତ୍ତର ବିଭାଗର ଆସିଷ୍ଟାଣ୍ଟ କମିଶନର, ଭୁବନେଶ୍ୱର ତହସିଲଦାର, ଭୁବନେଶ୍ୱର ମହାନଗର ନିଗମର ଅଧିକାରୀ, ସେବାୟତ, ବିଭିନ୍ନ ନିଯୋଗର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।




ସାହିତ୍ୟ ସମାଜ ଟ୍ରଷ୍ଟ ପକ୍ଷରୁ ସୂଚନା ଭବନଠାରେ ଅନୁଷ୍ଠିତ 'ସାହିତ୍ୟ ମାସିକୀ' କାର୍ଯ୍ୟକ୍ରମରେ ବଙ୍ଗାଳୀ ନନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ଅନୁଭବ, ଅଧ୍ୟୟନ ଜଣେ ଲେଖକର ଶ୍ରେଷ୍ଠ ସମ୍ବଳ

ଭୁବନେଶ୍ୱର, ୩୦ ।୩ (ବନ୍ଦନା ସେଠୀ)

ଅନୁଭବ ଓ ଅଧ୍ୟୟନ ଜଣେ ଲେଖକର ଶ୍ରେଷ୍ଠ ସମ୍ବଳ। ବୃତ୍ତି ଓ ପ୍ରବୃତ୍ତି ମଧ୍ୟରେ ସମନ୍ୱୟ ରକ୍ଷା କରି ଜଣେ ଲେଖକ ସାଧନା ଜାରି ରଖେ। ଜୀବନରୁ ତଥା ବିଭିନ୍ନ ପରିବେଶରୁ ସେ ସାହିତ୍ୟର ଉପାଦାନ ସଂଗ୍ରହ କରେ ବୋଲି ଗାଳ୍ପିକ ରବି ସ୍ୱାଇଁ କହିଛନ୍ତି। ଶନିବାର ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ଆନୁକୂଲ୍ୟରେ ସୂଚନା ଭବନଠାରେ ଅନୁଷ୍ଠିତ 'ସାହିତ୍ୟ ମାସିକୀ' କାର୍ଯ୍ୟକମ୍ରରେ ଯୋଗଦେଇ, ନିଜ ଅନୁଭବକୁ ଅନୁସରଣ କଲେ ଜଣେ ଲେଖକ ସାର୍ଥକ ରଚନା ସୃଷ୍ଟି କରିପାରିବ ବୋଲି ମତ ଦେଇଥିଲେ। ଏଥିସହ ନିଜର ସୁଶିକ୍ଷିତା ମା', ଶିକ୍ଷକ ଜୀବନ, ନାଗରିକ ସମାଜରେ ଅନୁଭୂତି ଇତ୍ୟାଦି ତାଙ୍କୁ କିପରି ସାହିତ୍ୟ ରଚନା ପାଇଁ ପ୍ରେରଣା ଯୋଗାଇଛି ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ରକ୍ଷକ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକମ୍ରରେ କେନ୍ଦ୍ର ସାହିତ୍ୟ ଏକାଡେମୀ ଅନୁବାଦ ପୁରସ୍କାର ପାଇଁ ମନୋନୀତ ବଙ୍ଗାଳୀ ନନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଭାଷାବିତ୍ ଡ. ଦେବୀପ୍ରସନ୍ନ ପଟ୍ଟନାୟକ ନନ୍ଦଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏ ମାସର କଥାକାର ଭାବରେ ରଞ୍ଜନ କୁମାର ପାତ୍ର ଯୋଗଦେଇ ସ୍ୱରଚିତ ଗଳ୍ପ ପାଠ କରିଥିଲେ। ଡ. ଅଭୟ ନାରାୟଣ ନାୟକ ଓ ବିଜନବାଳା ପାଟ୍ଟଯୋଶୀଙ୍କ ମିଳିତ ସଂଯୋଜନାରେ ବିଭୂତି ପାଣିଗ୍ରାହୀ, ଅଲେଖ ଚରଣ ରାଉତ, ରଜନୀକାନ୍ତ ପଟ୍ଟନାୟକ, ନିବାସ ଚନ୍ଦ୍ର ଜେନା, ସୁଷମା ଦାଶ, ମିହିରକାନ୍ତି ଦାସ, ସଞ୍ଜୁଲତା ମହାନ୍ତି (ପଟ୍ଟନାୟକ), କୁମୁଦିନୀ ଜୀ ପ୍ରମୁଖ କବିତା ପାଠ କରିଥିଲେ। ଅନୁଷ୍ଠାନ ସଭାପତି ସୂର୍ଯ୍ୟ ମିଶ୍ରଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡା. ଜୀବନକୃଷ୍ଣ ମିଶ୍ର ବେଦପାଠ କରିଥିବାବେଳେ ଡ. ଅଶୋକ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

## ଡକାୟତି ଯୋଜନା, ୬ ଗିରଫ

ଭୁବନେଶ୍ୱର,୩୦।୩ (ସୂର୍ଯ୍ୟକାନ୍ତ ବେହେରା)

### ଖେଳଣା ବନ୍ଧୁକ ସହ ମାରଣାସ୍ତ୍ର ଜବତ

ଖେଳଣା ବନ୍ଧୁକ ଦେଖାଇ ଜାତୀୟ ରାଜପଥରେ ଯାଉଥିବା ଗାଡିକୁ ଅଟକାଇ ଡ୍ରାଇଭରଙ୍କଠାରୁ ଲୁଟ୍ ପାଇଁ ଯୋଜନା କରୁଥିବାବେଳେ ଶହୀଦନଗର ଥାନା ପୋଲିସ ୬ଜଣ ପେସାଦାର ଅପରାଧୀଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଭୁବନେଶ୍ୱରର ବିଭିନ୍ନ ଥାନା ଅଞ୍ଚଳରେ ରହୁଥିବା ଲିଙ୍ଗରାଜ ଭୂୟାଁ, ବୁଲୁ ପଲେଇ, କାର୍ତ୍ତିକ ମଣ୍ଡଳ, ସତ୍ୟବ୍ରତ ଭୋଇ,ଏମ୍ଡି କାଦିର ଓ ତତ୍ତ୍ୱମସି ପ୍ରଧାନ। ସେମାନଙ୍କଠାରୁ ଗୋଟିଏ ତେଲେଙ୍ଗା କଟୁରୀ, ଗୋଟିଏ ଖେଳଣା ବନ୍ଧୁକ, ୩ଟି ଲୁହା ରଡ ଆଦି ଜବତ ହୋଇଛି। ଏହି ଥାନା ଅନ୍ତର୍ଗତ ଶାନ୍ତିପଲ୍ଲୀ ବସ୍ତି ନିକଟ ରେଳ ଧାରଣା ପାର୍ଶ୍ୱରେ ଏକତ୍ରିତ ହୋଇ ଡକାୟିତି ଯୋଜନା କରୁଥିବା ସୂଚନା ପାଇବା ପରେ ପୋଲିସ ଟିମ୍ ଚଢ଼ା କରି ସେମାନଙ୍କୁ କାବୁ କରିଥିଲା। ଗିରଫ ଅଭିଯୁକ୍ତ ଲିଙ୍ଗରାଜଙ୍କ ନାମରେ ୮ଟି ମାମଲା ଥିବା ବେଳେ ବୁଲୁଙ୍କ ନାମରେ ୩ଟି, କାର୍ତ୍ତିକ ମଣ୍ଡଳ ନାମରେ ୬ଟି, ସତ୍ୟବ୍ରତଙ୍କ ନାମରେ ୩ଟି, କାଦିରଙ୍କ ନାଁରେ ଗୋଟିଏ ଓ ତତ୍ତ୍ୱମସିଙ୍କ ନାଁରେ ୨ଟି ମାମଲା ଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। କୋର୍ଟ ଚାଲାଣ ପରେ ଜାମିନ ନ ମିଳିବାରୁ ସମସ୍ତ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।



ଗିରଫ ୬ ଅଭିଯୁକ୍ତ ସହ ଜବତ ମାରଣାସ୍ତ୍ର।

## ଅଟୋ, ମୋବାଇଲ ଜବତ: ୨ ଗିରଫ

ଜଟଣୀ,୩୦।୩(ରବୀନ୍ଦ୍ରନାଥ ମହାକୁଡ଼)

ମୋବାଇଲ ଫୋନ ଲୁଟିନେବା ଅଭିଯୋଗରେ ଜଟଣୀ ଥାନା ପୋଲିସ ଦୁଇ ଜଣଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଏହି ଥାନା ଅଧୀନ ଚିନ୍ତାମଣିନଗରର ମନୋରଞ୍ଜନ ବେହେରା ଓରଫ ମନୋଜ ଓରଫ ରାଜୁ(୩୭) ଏବଂ ଶହୀଦନଗର ଥାନା ଅଧୀନ ବେହେରାସାହି ପଥରବନ୍ଧ ବସ୍ତିର ରୋହିତ ଘଡେଇ ଓରଫ ସୁମନ(୨୩)। ଏମାନଙ୍କଠାରୁ ଗୋଟିଏ ମୋବାଇଲ ଫୋନ ଏବଂ ଅଟୋ ଜବତ ହୋଇଛି। ଏନେଇ ଥାନାରେ ଏକ ମାମଲା (ନଂ.୧୩୨/୨୪) ରୁଜୁ ହୋଇଛି। ସୂଚନା ମୁତାବକ, ଗତ ୨୯ତାରିଖରେ ସୁଦର୍ଶନ ନାୟକ ଚିନ୍ତାମଣିନଗରସ୍ଥିତ ଏକ ମଠ ଠାରେ ଫୋନରେ କଥା ହେଉଥିଲେ। ଏହି ସମୟରେ ଉପରୋକ୍ତ ଦୁଇ ଅଭିଯୁକ୍ତ ଏକ ଅଟୋରେ ଆସି ସୁଦର୍ଶନଙ୍କୁ ଧକ୍କା ମାରି ମୋବାଇଲ ଛଡାଇ ନେଇ ପଳାଇଥିଲେ। ଏନେଇ ସୁଦର୍ଶନ ଥାନାରେ ଅଭିଯୋଗ କରିଥିଲେ। କୌଣସି ସୂତ୍ରରୁ ଖବରପାଇ ପୋଲିସ ସ୍ଥାନୀୟ ରେଲୱେ ଷ୍ଟେଶନ ନିକଟରେ ଚଢ଼ାଉ କରି ଦୁଇ ଅଭିଯୁକ୍ତଙ୍କୁ କାବୁ କରିବା ସହିତ ଚୋରି ମୋବାଇଲ ଏବଂ ଏକ ଅଟୋ ଜବତ କରିଥିଲା। ତେବେ ରୋହିତଙ୍କ ନାମରେ ପୂର୍ବରୁ ବିଭିନ୍ନ ଥାନାରେ ମାମଲା ରହିଛି ବୋଲିସ ପୋଲିସ କହିଛି।

## ମଣିଷର ପ୍ରୟୋଗଶାଳାରୁ ଅତିମାନବର ସୃଷ୍ଟି ହେବ

ଭୁବନେଶ୍ୱର,୩୦ ।୩(ଶର୍ମିଷ୍ଠା ପାଣିଗ୍ରାହୀ)

### 'ସାନନ୍ଦ'ର ବାର୍ଷିକ ପାଠଚକ୍ର

ପ୍ରଳୟ ନୁହେଁ, ପୃଥିବୀରେ ରୂପାନ୍ତର ହେବ ଶ୍ରୀ–ଅରବିନ୍ଦଙ୍କ ବାଣୀ। ଏହି ଦିବ୍ୟ ସନ୍ଦେଶକୁ ଉଦ୍ଧାର କରି ପ୍ରଫେସର ଶରତ ଚନ୍ଦ୍ର ରଥ କହିଲେ, ମଣିଷର ପ୍ରୟୋଗଶାଳାରୁ ଅତିମାନବର ସୃଷ୍ଟି ହେବ। ଏଥିପାଇଁ ମଣିଷର ସହଯୋଗ ଦରକାର। ୀଅରବିନ୍ଦ ନଗର ମାତୃସଦନ ପରିସରରେ ଶନିବାର ଶ୍ରୀଅରବିନ୍ଦ ନଗରାଞ୍ଚଳ ପ୍ରତିବେଶୀ ଉନ୍ନୟନ ସଂଘ 'ସାନନ୍ଦ'ର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ସମ୍ମାନିତ ଆଲୋଚକ ଭାବେ ଯୋଗଦେଇ 'ଭବିଷ୍ୟତର ସ୍ଥପତି ଶ୍ରୀମା' ବିଷୟବସ୍ତୁ ଉପରେ ପ୍ରଫେସର ରଥ ଏଭଳି ମତ ଦେଇଥିଲେ। ଅନ୍ୟତମ ଆଲୋଚକ ଇଂ. ସୁବାଷଚନ୍ଦ୍ର କର 'ପୁଦୁଚେରୀରେ ଶ୍ରୀମାଙ୍କ ପ୍ରଥମ ପଦାର୍ପଣ' ସମ୍ପର୍କରେ କହିଥିଲେ। ସଭାପତି ଧିରେନ୍ କୁମାର ବାରିକ ଏଥିରେ ପୌରାହିତ୍ୟ କରିଥିଲେ। କାର୍ଯ୍ୟକାରୀ ପରିଷଦ ସଦସ୍ୟ ଡ. ହୃଷୀକେଶ ମଲ୍ଲିକ ଉତ୍ସବ ପରିଚାଳନା କରିଥିଲେ। ରେଣୁବାଳା ସାମନ୍ତରାୟ ଓ ମୀରା ଦାସ ମାତୃସଙ୍ଗୀତ ପରିବେଷଣ କରିଥିଲେ। ସମ୍ପାଦକ ପ୍ରଭଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।



'ସାନନ୍ଦ'ର ବାର୍ଷିକ ପାଠଚକ୍ରରେ ଉପସ୍ଥିତ ଅତିଥିମାନେ।

## ମୂଲ୍ୟବୋଧ ସାହିତ୍ୟ ଜୀବନକୁ ଉତ୍ତରିତ କରିଥାଏ



ସୂଚନା ଭବନଠାରେ ଶନିବାର ଅନୁଷ୍ଠିତ ଓଡ଼ିଶା ଲେଖିକା ସଂସଦର ୩୧ତମ ବାର୍ଷିକ ଉତ୍ସବରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର, ୩୦ ।୩ (ବନ୍ଦନା ସେଠୀ)

ଓଡ଼ିଶା ଲେଖିକା ସଂସଦର ୩୧ତମ ବାର୍ଷିକ ଉତ୍ସବ ସୂଚନାଭବନଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ ଫକୀରମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡ. କୁମାରବର ଦାସ ଯୋଗଦେଇ, ସାହିତ୍ୟର ମୂଲ୍ୟବୋଧ ଉପରେ ବିଚାର ବିମର୍ଶ କରିଥିଲେ। ମୂଲ୍ୟବୋଧ ସାହିତ୍ୟ ଓ ଜୀବନକୁ ଉତ୍ତରିତ କରିବା ସହ ଶାନ୍ତି ପ୍ରଦାନ କରିଥାଏ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଡ. ରମେଶଚନ୍ଦ୍ର ପାଣି ରାମାୟଣରୁ ଉଦାହରଣ ଦେଇ ଶ୍ରୀରାମ ଓ ରାବଣ ଉଭୟ ମାନବ ଭିତରେ ଅଛନ୍ତି ବୋଲି କହିଥିଲେ। ଏହି ଅବସରରେ ବୀଣାପାଣି ମହାନ୍ତିଙ୍କୁ ସ୍ମୃତି ସମ୍ମାନ କରାଯାଇଥିଲା। ରମାଦେବୀ ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗ ମୁଖ୍ୟ ଡ. ସଂଘମିତ୍ରା ଭଞ୍ଜ ସମ୍ମାନିତ ବକ୍ତା ଭାବେ ଯୋଗଦେଇ, ଜୀବନ ପ୍ରେମ ଓ ସଦ୍‌ଭାବନା ଉପରେ ପ୍ରତିଷ୍ଠିତ ବୋଲି କହିଥିଲେ। ପରେ ୨୬ଜଣଙ୍କୁ ପ୍ରତିଭାଙ୍କୁ ସମ୍ମାନିତ କରାଯାଥିଲା। ସମ୍ପାଦିକା ଡ. ଶକୁନ୍ତଳା ବଳିଆରସିଂହ ବିବରଣୀ ପାଠ ସହ ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗୋଲାପ ମଞ୍ଜରୀ କର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ, ଯୁଗ୍ମ ସମ୍ପାଦିକା ବୀଣାପାଣି ସାହୁ ସଭା ଆବାହନ କରିଥିଲେ। ଅନ୍ୟତମ ଯୁଗ୍ମ ସମ୍ପାଦିକା କାନନବାଳା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଡ ସୁଚେତା ରାଉତ ବିଶେଷ ବିବରଣୀ ପାଠ କରିଥିଲେ।

## ସିଡିପି ୨୦୪୦: ୬ ସ୍ଥାନରେ ଟ୍ରକ୍ ପାର୍କିଂ ଯୋଜନା

ଭୁବନେଶ୍ୱର, ୩୦ ।୩ (ବନ୍ଦନା ସେଠୀ)

ରାଜଧାନୀ ଭୁବନେଶ୍ୱରରେ ଟ୍ରକ ପାଇଁ ପାର୍କିଂ ସ୍ଥଳ ନାହିଁ। ତେଣୁ ଦୂରଦୂରାନ୍ତରରୁ ଆସୁଥିବା ଟ୍ରକଗୁଡିକ ପାଇଁ ସହରର ରାସ୍ତାକଡ, ସରକାରୀ ଜମି, ଓଭରବ୍ରିଜ ତଳ ଏବଂ ଉପକଣ୍ଠରେ ଥିବା ଢାବାଗୁଡିକ ପାର୍କିଂସ୍ଥଳ ପାଲଟିଛି। ଏଥିପାଇଁ ଅନେକ ସମୟରେ ସ୍ଥାନୀୟବାସୀଙ୍କୁ ଟ୍ରାଫିକ୍ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଥିବାବେଳେ ସହର ଭିତରେ ବଡ ଟ୍ରକଗୁଡିକର ପାର୍କିଂକୁ ନେଇ ବିଭିନ୍ନ ସମୟରେ ବିବାଦ ଉପୁଜିବାରେ ଲାଗିଛି। ସେହିପରି ଟ୍ରକ୍ ରଖୁଥିବା ସ୍ଥାନଗୁଡିକରେ ଡ୍ରାଇଭରମାନଙ୍କ ପାଇଁ ଶୌଚ ହେବାକୁ ସୁବିଧା ନ ଥିବାରୁ ସେମାନେ ହଇରାଣ ହେବା ସହ ଅସନ୍ତୋଷ ବୃଦ୍ଧି ପାଉଛି। ତେଣୁ ଏହି ସମସ୍ୟାର ସମାଧାନ ପାଇଁ ବିଡିଏ ପକ୍ଷରୁ ଜାରି ହୋଇଥିବା ସିଡିପି ୨୦୪୦ରେ ବ୍ୟବସ୍ଥା କରାଯାଇଛି। ରାଜଧାନୀର ଉପକଣ୍ଠ ଅଞ୍ଚଳରେ ୬ଟି ସ୍ଥାନରେ ଟ୍ରକ ଟର୍ମିନାଲ ନିର୍ମାଣ କରିବାକୁ ଯୋଜନା ରହିଛି। ବନମାଳୀପୁର–ପ୍ରତାପଶାସନ ରୋଡ୍‌ର ପୁରୁଣାପ୍ରଧାନ ଗ୍ରାମରେ ୧.୪ ହେକ୍ଟର ପରିମିତ ଜମିରେ ବସ ଏବଂ ଟ୍ରକ ଡିପୋ କରାଯିବାର ଯୋଜନା ରହିଛି। ସେହିପରି ସୁନ୍ଦରପଦା–ଜଟଣୀ ରୋଡ୍ ଜାମୁକୋଳି ଗ୍ରାମରେ ୫.୧୨ହେକ୍ଟର ଜମିରେ ବସ ଏବଂ ଟ୍ରକ ଡିପୋ, ଏନ୍‌ଏଚ୍–୩୧୬ ପିପିଲି ଶାସନରେ ୧.୨୧ ହେକ୍ଟର ଏବଂ ଏନଏଚ–୧୬ରେ ଥିବା ଦଳେଇପୁଟରେ ୧୦.୬୧ ହେକ୍ଟର ଜମିରେ ସ୍ୱତନ୍ତ୍ର ଟ୍ରକ ଟର୍ମିନାଲ ବ୍ୟବସ୍ଥା କରାଯାଇଛି। ସେହିପରି ଅତ୍ରି ରୋଡ ପାନବରଜ ଗ୍ରାମରେ ୬୮.୨୮ ହେକ୍ଟର ଜମିରେ ବସ ଏବଂ ଟ୍ରକ ଟର୍ମିନାଲ ଏବଂ ଖୋର୍ଦ୍ଧା ହଳଦିଆ ରୋଡ ନୂଆପଡା ଗ୍ରାମରେ ୨୭.୭୧ ହେକ୍ଟର ଜମିରେ ବସ ଏବଂ ଟ୍ରକ ଟର୍ମିନାଲକୁ ନିର୍ମାଣ ପାଇଁ ଯୋଜନା ରହିଛି। ଏଠାରେ ବହୁସଂଖ୍ୟାରେ ଟ୍ରକ ପାର୍କିଂ ପାଇଁ ବ୍ୟବସ୍ଥା କରାଯିବ। ସେହିପରି ଡ୍ରାଇଭରଙ୍କ ସୁବିଧା ପାଇଁ ଭୋଜନାଳୟ, ଶୌଚାଳୟ ସହ ବିଶ୍ରାମ କରିବା ବ୍ୟବସ୍ଥା ଉପଲବ୍ଧ ହେବ। ବହୁ ଦୂରରୁ ଆସୁଥିବା ଟ୍ରକ୍‌ଗୁଡିକ ଏଠାରେ ଜିନିଷ ଲୋଡିଂ, ଅନ୍‌ଲୋଡିଂ କରି ପାରିବେ।








ଭୁବନେଶ୍ୱର ଉପକଣ୍ଠ ମଦନପୁରଠାରେ ଶନିବାର ଅନୁଷ୍ଠିତ ଶ୍ରୀ ଚନ୍ଦ୍ରଶେଖର ଦେବ ପଞ୍ଚଦୋଳ ମେଳଣରେ ଘୋଡ଼ା ନାଚ, ସମର କଳା ପ୍ରଦର୍ଶନ ସହ ଭକ୍ତଙ୍କ ମେଳରେ ଠାକୁରମାନେ ଫଗୁ ଖେଳୁଛନ୍ତି।

# ଗୁରୁଜଙ୍ଗ ପଞ୍ଚଦୋଳ ମେଳଣ ଆରମ୍ଭ

■ ୧୫୦ ବର୍ଷ ହେବ ହେଉଛି ମେଳଣ

■ ବିଦାୟୀ ଉତ୍ସବରେ ଦିଆଯାଏ ହାଣ୍ଡିଭୋଗ

ଖୋର୍ଦ୍ଧା,୩୦।୩(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଗୁରୁଜଙ୍ଗ ଗ୍ରାମ୍ୟ ପଞ୍ଚଦୋଳ କମିଟି ଆନୁକୂଲ୍ୟରେ ଶନିବାରଠାରୁ ଆରମ୍ଭ ହୋଇଛି ପଞ୍ଚଦୋଳ ମେଳଣ। ଏହି ଅବସରରେ ମେଳଣ ପଡ଼ିଆକୁ ରଙ୍ଗିନ ଆଲୋକରେ ସୁସଜ୍ଜିତ କରାଯାଇଛି। ଉତ୍ସବମୁଖର ହୋଇ ଉଠିଛି ମେଳଣ ପଡ଼ିଆ। ବିଳମ୍ବିତ ରାତିରେ ସ୍ୱମନ୍ଦିରରୁ ଏକ ଆକର୍ଷଣୀୟ ବିମାନରେ ଥାନପତି ଶ୍ରୀଧବଳେଶ୍ୱର ବିରାଟ ପଟୁଆରରେ ମେଳଣ ପଡ଼ିଆକୁ ବିଜେ କରିଥିଲେ। ବିଭିନ୍ନ ଫୁଲରେ ମହାଦେବଙ୍କୁ ସଜ୍ଜିତ କରାଯାଇଛି। ଶ୍ରୀଧବଳେଶ୍ୱରଙ୍କ ମେଳଣ ପଡ଼ିଆକୁ ପ୍ରବେଶ ସମୟରେ ମନ୍ତ୍ରଧ୍ୱନିରେ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ବିଳମ୍ବିତ ରାତିରୁ ସକାଳ ପର୍ଯ୍ୟନ୍ତ ଗୋଟିକ ପରେ ଗୋଟିଏ ଠାକୁର ମେଳଣ ପଡ଼ିଆକୁ ବିଜେ କରିଥିଲେ। ଥାନପତି ଧବଳେଶ୍ୱରଙ୍କ ନିମନ୍ତ୍ରଣ ପାଇ ଗୁରୁଜଙ୍ଗ, ଖୋର୍ଦ୍ଧା ସହର ସମେତ ୨୦ଟି ଗ୍ରାମର ୨୨ ଠାକୁର ବିଜେ କରିଛନ୍ତି। ପତିତପାବନ-ରାଧାଗୋବିନ୍ଦ-ତ୍ରିନାଥ ଦେବ-ବିଶ୍ୱନାଥ ଦେବ ଗୁରୁଜଙ୍ଗ, ବାଲୁଙ୍କେଶ୍ୱର ଦେବ ଅରାଙ୍ଗ, ସ୍ୱପ୍ନେଶ୍ୱର କୁଣ୍ଡିଲୋ, ବୃନ୍ଦାବନଚନ୍ଦ୍ର ଦେବ ନୂଆଗାଁ, ବରାଡ଼ ବାଲୁଙ୍କେଶ୍ୱର-ଗୋପାଳଜୀଉ-ଚଉରା, ବାଲୁଙ୍କେଶ୍ୱର- ରାଧାବଲ୍ଲଭ-ଲକ୍ଷ୍ମୀନାରାୟଣ, ରାମନାଥ ଦେବ ଖୋର୍ଦ୍ଧା, ବାଲୁଙ୍କେଶ୍ୱର ଅରାଙ୍ଗ, ସ୍ୱପ୍ନେଶ୍ୱର କୁଣ୍ଡିଲୋ, ବୃନ୍ଦାବନଦେବ ନୂଆଗାଁ, ଲୋକନାଥ କୁମାରବସ୍ତ, ରାଧାକୃଷ୍ଣ ନିଆଳ, ଚନ୍ଦ୍ରଶେଖର ମାଜଣା, ରାମଚନ୍ଦ୍ରଦେବ-ମଦନମୋହନ ମହୁଲ, କପିଳେଶ୍ୱର ଅଙ୍ଗରାପଡ଼ା ଓ କେଦାରେଶ୍ୱର ପୁଟନିଆଳ ଗ୍ରାମ୍ୟ ଠାକୁର ଏଠାରେ ବିଜେ କରିଛନ୍ତି।

କମିଟି ସମ୍ପାଦକ ଜିତେନ୍ଦ୍ର ସାହୁ କହିଛନ୍ତି, ପ୍ରାୟ ୧୫୦ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଏହି ମେଳଣ ଆୟୋଜିତ ହୋଇଆସୁଛି। ଏହା ୩ଦିନ ଧରି ହୋଇଥାଏ। ଦୋଳ ପୂର୍ଣ୍ଣମୀର ୫ଦିନରେ ଏଠାରେ ଆରମ୍ଭ ହୋଇଥାଏ। ପୂର୍ବରୁ କମିଟି ପକ୍ଷରୁ ସମସ୍ତ ଠାକୁରଙ୍କୁ ନିମନ୍ତ୍ରଣ କରାଯାଏ। ୩ଦିନ ଧରି ଠାକୁରଙ୍କ ପୂଜାର୍ଚ୍ଚନା, ହୋମଯଜ୍ଞ, ନାମ ସଂକୀର୍ତ୍ତନ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ, ମେଳା, ଲୋକକଳା ଉତ୍ସବ ଆୟୋଜିତ ହୋଇଥାଏ। ଠାକୁରଙ୍କ ବାଳଭୋଗ, ଶୁଖିଲା ଭୋଗ ଅର୍ପଣ କରାଯାଇଥାଏ। ବିଦାୟ ଉତ୍ସବ ଆଡ଼ମ୍ବରରେ ପାଳିତ ହୋଇଥାଏ। ବିଦାୟ ଦିନ ପ୍ରତ୍ୟେକ ଠାକୁରଙ୍କୁ ହାଣ୍ଡିଭୋଗ ଅର୍ପଣ କରାଯାଏ। ଶେଷ ଦିବସରେ ହରିହର ଭେଟ, ଅବିର ଖେଳ ପରେ ଠାକୁରମାନେ ପ୍ରତ୍ୟାବର୍ତ୍ତନ କରନ୍ତି। ଚଳିତ ବର୍ଷ ମେଳଣକୁ ବ୍ୟବସ୍ଥିତ, ଶୃଙ୍ଖଳିତ ଆୟୋଜନ ଉପରେ ଗୁରୁତ୍ୱ ଦିଆଯାଇଛି।

## ମାଲୁଦ ପଞ୍ଚଦୋଳ: ପୋତାହେଲା ଶୁଭଖୁଣ୍ଟ



ଶୁଭଖୁଣ୍ଟ ସ୍ଥାପନ ପାଇଁ ମେଳଣ ପଡ଼ିଆକୁ ନିଆଯାଉଛି।

କୃଷ୍ଣପ୍ରସାଦ,୩୦।୩(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ପ୍ରସିଦ୍ଧ ପଞ୍ଚଦୋଳ ଯାତ୍ରା ପାଇଁ ରବିବାର ଶୁଭଖୁଣ୍ଟ ପଡ଼ିଆରେ ପହଞ୍ଚିଥିଲା। ଶତାଧିକ ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ସୁସଜ୍ଜିତ ୭୦ ଫୁଟ ଉଚ୍ଚତାବିଶିଷ୍ଟ ଶୁଭଖୁଣ୍ଟକୁ ଯାତ୍ରା ପଡ଼ିଆରେ ପୋତା(ସ୍ଥାପନା)ଯାଇଥିଲା। ମାଲୁଦ ଦଧିବାମନ ଦେବ ଏବଂ ବକ୍ରକୋଟ ଗ୍ରାମ କୁଞ୍ଜେଶ୍ୱରଙ୍କ ପୀଠରୁ ଏହିଭଳି ୨ଟି ଶୁଭଖୁଣ୍ଟ ଆସିଥାଏ। ୨୪ ମୌଜା ପରିଚାଳନା କମିଟି ଦ୍ୱାରା ଯାତ୍ରା ପରିଚାଳନା ହେବା ସହ ମାଲୁଦ ଦଧିବାମନ ଦେବ ସମସ୍ତ ଠାକୁରଙ୍କୁ ନିମନ୍ତ୍ରଣ କରିଥା'ନ୍ତି। ଦଧିବାମନ ଦେବଙ୍କ ମାର୍ଫତ୍‌ଦାର ୨୪ ମୌଜାର ସଭାପତି ଦାୟିତ୍ୱ ନିର୍ବାହ କରିଥାନ୍ତି। ପ୍ରତ୍ୟୁଷରୁ ପଟୁଆର ସହ ବିଭିନ୍ନ ଗ୍ରାମରୁ ସୁସଜ୍ଜିତ ବିମାନରେ ୨୩ ଠାକୁର ପଡ଼ିଆରେ ବିଜେ କରିଥା'ନ୍ତି। ସେଠାରେ ଠାକୁରଙ୍କୁ ୩ ଦିନ ଧରି ଭୋଗ ଅର୍ପଣ କରାଯାଏ। ଏହି ମେଳଣ ଦେଖିବା ପାଇଁ ପୁରୀ, ଗଞ୍ଜାମ, ଖୋର୍ଦ୍ଧା, ନୟାଗଡ଼ ଜିଲାର ବହୁ ଶ୍ରଦ୍ଧାଳୁ ଯୋଗଦେଇଥାନ୍ତି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ କୃଷ୍ଣପ୍ରସାଦ ଥାନା ଆଇଆଇସି ଶରତ କୁମାର ନାୟକଙ୍କ ନେତୃତ୍ୱରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଛି। କମିଟି ପକ୍ଷରୁ ମଧ୍ୟ ସ୍ୱେଚ୍ଛାସେବୀ ନିୟୋଜିତ କରାଯାଇଛି ବୋଲି ଅନୁଷ୍ଠାନର ସଭାପତି ସଂଗ୍ରାମ କେଶରୀ ପଟ୍ଟନାୟକ କହିଛନ୍ତି।

## ସଂକ୍ଷେପରେ

### କିଡ୍‌ନୀ ରୋଗରେ ଆକ୍ରାନ୍ତ ଯୁବକଙ୍କ ମୃତ୍ୟୁ

ନିରାକାରପୁର,୩୦।୩ (ମାନସ ଚନ୍ଦ୍ର ପଟ୍ଟନାୟକ)

କିଡ୍‌ନୀ ରୋଗରେ ଆକ୍ରାନ୍ତ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନିରାକାରପୁର ଥାନା ଅଧୀନ ବଡ଼ପୋଖରୀଆ ଗ୍ରାମର ଶିବ ପରିଡ଼ା (୩୦)। ପୋଲିସ ସୂଚନା ମୁତାବକ, ଦୀର୍ଘ ଦିନ ହେବ ଶିବ ବାହାରେ ରହୁଥିଲେ। କିଡ୍‌ନୀ ରୋଗରେ ଆକ୍ରାନ୍ତ ହେବାରୁ ସେ ଗତ ୧୨ଦିନ ହେବ ଗ୍ରାମକୁ ଆସିଥିଲେ। ପରିବାର ଲୋକ ତାଙ୍କୁ ପ୍ରଥମେ ଟାଙ୍ଗୀ ଓ ପରେ ଖୋର୍ଦ୍ଧା ମେଡିକାଲକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ଏକ ଅପମୃତ୍ୟୁ ମାମଲା (ନଂ.୪/୨୪)ରୁଜୁ ହୋଇଛି ବୋଲି ଥାନା ଅଧିକାରୀ ବିଶ୍ୱଜିତ ରାଉତରାୟ ସୂଚନା ଦେଇଛନ୍ତି।

### ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଟାଙ୍ଗୀ,୩୦।୩(ରଘୁନାଥ ସାହୁ)

ବଡ଼ପାରୀ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ସୁକାନ୍ତି ଦେଈଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ସଲୀଳ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥିଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ସାହୁ, ମୁଖ୍ୟବକ୍ତା ଜିଲା ସମ୍ପାଦକ ପ୍ରସନ୍ନ କୁମାର ଶ୍ରୀଚନ୍ଦନ, ସମ୍ମାନିତ ଅତିଥି ଭାବେ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଧାଂଶୁ ମଞ୍ଜରୀ ଦେବୀ, ବ୍ଲକ ସମ୍ପାଦକ ସନ୍ତୋଷ କୁମାର ବେହେରା, ସିଆର୍‌ସିସି ଦୁଃଶାସନ ପ୍ରଧାନ, ଅମିତ୍ କୁମାର ଚକ୍ରବର୍ତ୍ତୀ, ପଠାଣି ସୁନ୍ଦରାୟ, ପରିକ୍ଷିତ ମହାରଣା, ଜାନକୀ ବଲ୍ଲଭ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଅବସର ନେଉଥିବା ଶିକ୍ଷୟିତ୍ରୀଙ୍କ ଗୁଣଗାନ କରିଥିଲେ। ଛାତ୍ରୀମାନେ ସ୍ୱାଗତ ଓ ବିଦାୟୀ ସଙ୍ଗୀତ ଗାନ କରିଥିଲେ। ଛାତ୍ରୀଛାତ୍ରଙ୍କ ପକ୍ଷରୁ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ଶ୍ୟାମ ସୁନ୍ଦର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

### ସାମାଜିକ କର୍ମୀ ଭଗବାନ ସାହୁଙ୍କ ସ୍ମୃତିସଭା

ଜଟଣୀ,୩୦।୩(ରବୀନ୍ଦ୍ରନାଥ ମହାକୁଡ଼)

ଝାଁଳା ଉପକଣ୍ଠ ମଦନପୁର ପଞ୍ଚାୟତ ଅଧୀନ ଜାଗେଶ୍ୱେରପାଟଣା ଗ୍ରାମର ସାମାଜିକ କର୍ମୀ ଭଗବାନ ସାହୁଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଏବଂ ପ୍ରତିମୂର୍ତ୍ତୀ ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଲକ୍ଷ୍ମୀଧର ସାହୁ ଯୋଗଦେଇ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ଏହି ଅବସରରେ ଭକ୍ତି ପ୍ରାର୍ଥନା ଭଜନ କାର୍ଯ୍ୟକ୍ରମ ହୋଇଥିଲା। ଶିକ୍ଷାବିତ୍ ଜବାହରଲାଲ ସୁବୁଦ୍ଧି ଅଧ୍ୟକ୍ଷତା କରିଥିଲେ। କିଶୋର ଚନ୍ଦ୍ର ପାଇକରାୟ, ନଟବର ସାଇଁ, ସୁବାସ ଚନ୍ଦ୍ର ସୁବୁଦ୍ଧି, ଲକ୍ଷ୍ମୀଧର ସାହୁ, ଗୋପାଳ ସାହୁ, ଶରତ ସୁବୁଦ୍ଧି, ଚନ୍ଦନ ସାହୁ, ଧନେଶ୍ୱର ସାହୁ, ପ୍ରକାଶ ସାହୁ, ପ୍ରଭାତ ସାହୁ, ଗୀତା ସାହୁ, ଚୁମା ସାହୁ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିବା ସହ ତାଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ମତବ୍ୟକ୍ତ କରିଥିଲେ।

## ଅପରାଜିତାଙ୍କୁ କାଲୁ ସମର୍ଥକଙ୍କ ବିରୋଧ



### ରାଜ୍ୟ ଭାଜପା କାର୍ଯ୍ୟାଳୟ ଆଗରେ ବିକ୍ଷୋଭ

ଖୋର୍ଦ୍ଧା,୩୦।୩ (ପ୍ରଭାତ ପାଣିଗ୍ରାହୀ)

ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କ ମନମୁଖି କାର୍ଯ୍ୟ ପାଇଁ ଦଳୀୟ କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏକ କାର୍ଯ୍ୟକ୍ରମରେ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦ୍ଦେବଙ୍କୁ ଖୋର୍ଦ୍ଧା ବିଧାନସଭା ଦାୟିତ୍ୱ ଦେବା ନେଇ ଅପରାଜିତା ଘୋଷଣା କରିଥିଲେ। ଏନେଇ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ବିଧାୟକ ଆଶାୟୀ ପ୍ରାର୍ଥୀ କାଳୁଚରଣ ଖଣ୍ଡାୟତରାୟଙ୍କ ସମେତ ସମର୍ଥକମାନେ ଅପରାଜିତାଙ୍କୁ ବିରୋଧ କରିଛନ୍ତି। ଶନିବାର ପୂର୍ବାହ୍ନରେ କାଳୁଚରଣଙ୍କ ନେତୃତ୍ୱରେ ଶତାଧିକ କର୍ମୀ ବାଟମଙ୍ଗଳା ଛକରେ ଅପରାଜିତା ହଟାଅ, ଭାଜପା ବଞ୍ଚାଅ ସ୍ଲୋଗାନ ଦେଇଥିଲେ। ସେଠାରୁ ଶୋଭାଯାତ୍ରାରେ ବାହାରି ରାଜ୍ୟ ଭାଜପା କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରିଥିଲେ। ଏନେଇ କାଳୁଚରଣ କହିଛନ୍ତି, ବାହାର ନେତାଙ୍କୁ ଦଳରେ ଗୁରୁତ୍ୱ ଦିଆଯାଉଛି। ମୋ ପଛରେ ଅପରାଜିତା ଷଡ଼ଯନ୍ତ୍ର କରୁଛନ୍ତି। ମୋ ଟିକଟ କଟିଲେ ଆଗକୁ କ'ଣ ହେବ ସମସ୍ତେ ଜାଣିଛନ୍ତି। ରାଜ୍ୟ ନେତୃତ୍ୱ ଉପରେ ବିଶ୍ୱାସ ରହିଛି। ଭାଜପା ସଂଗଠନ ସମ୍ପାଦକଙ୍କ ସହ ଏନେଇ ଆଲୋଚନା କରିଛି। ନିର୍ଭର ପ୍ରତିଶ୍ରୁତି ମଧ୍ୟ ପାଇଛି। ଅନ୍ୟପଟେ ଏନେଇ ଚିଲିକା ବିଧାୟକ ଜଗଦ୍ଦେବ କହିଛନ୍ତି, ନିର୍ବାଚନ ଲଢ଼ିବା ପାଇଁ ଭାଜପାକୁ ଆସିନାହିଁ। କୌଣସି ଟିକେଟ ଦୌଡରେ ମୁଁ ନାହିଁ। ଦଳ ଚାହିଁଲେ ଲଢିବି। କାଳୁଚରଣଙ୍କ ପ୍ରତି ମୋର ସମର୍ଥନ ରହିଛି। ଖୋର୍ଦ୍ଧାରୁ ଯିଏ ଯେଉଁଠି ଲଢିବେ ମୁଁ ତାଙ୍କ ପାଇଁ କାମ କରିବି।

## ବିଜେଡିରେ ମିଶିଲେ ଭାଜପା କର୍ମୀ



ଜଟଣୀ,୩୦।୩(ରବୀନ୍ଦ୍ରନାଥ ମହାକୁଡ଼)

ନିର୍ବାଚନ ଯେତିକି ନିକଟତର ହେଉଛି ଜଟଣୀ ରାଜନୀତି ସେତିକି ଉଷ୍ମ ହେବାରେ ଲାଗିଛି। ବିଭିନ୍ନ ରାଜନୈତିକ ଦଳର ନେତା, କର୍ମୀଙ୍କ ଠାରୁ ଆରମ୍ଭ କରି ସମାଜସେବୀ ପ୍ରମୁଖ ବିଭିନ୍ନ ପ୍ରମୁଖ ରାଜନୈତିକ ଦଳରେ ମିଶୁଥିବା ଦେଖିବାକୁ ମିଳୁଛି। ଏହି ପରିପ୍ରେକ୍ଷୀରେ ଶନିବାର ଖୋର୍ଦ୍ଧା ଜିଲା ବିଜେଡି ସଭାପତି ତଥା ଜଟଣୀ ନିର୍ବାଚନମଣ୍ଡଳୀ ବିଧାୟକ ପ୍ରାର୍ଥୀ ବିଭୂତି ଭୂଷଣ ବଳବନ୍ତରାୟଙ୍କ ବାସଭବନରେ ଜଟଣୀ ନଗରର ବହୁ ଭାଜପା କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ବିଭୂତି ନୂତନ ସଦସ୍ୟଙ୍କୁ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ନୂତନ କର୍ମୀମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡିରେ ସାମିଲ ହୋଇଥିବା କହିଛନ୍ତି।



ହରିରାଜପୁର ପଞ୍ଚଦୋଳ ମେଳଣକୁ ସୁସଜ୍ଜିତ ବିମାନରେ ଠାକୁରମାନେ ଯାଉଛନ୍ତି।

## ୬୦ହଜାର ଟଙ୍କା ଜରିମାନା ଆଦାୟ

ନିରାକାରପୁର,୩୦।୩ (ମାନସ ଚନ୍ଦ୍ର ପଟ୍ଟନାୟକ)

ନିରାକାରପୁର ପୋଲିସ ଓ ଖୋର୍ଦ୍ଧା ଆର୍‌ଟିଓ ବିଭାଗ ପକ୍ଷରୁ ଶନିବାର ନୂଆଜଗନ୍ନାଥ ସଡ଼କର ଲେଣ୍ଡୋ ଛକଠାରେ ଚେକିଂ କରାଯାଇଥିଲା। ବିଶେଷକରି ନିଶା ସେବନକାରୀଙ୍କ ପାଟିରେ ମେଶିନ ଲଗାଯାଇ ଯାଞ୍ଚ କରାଯାଇଥିଲା। ମୋଟ୍ ୬୦ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଅମାନିଆଙ୍କୁ ସାବାଡ୍ କରିବା ନିମନ୍ତେ ଆଗକୁ ଏହି ଯାଞ୍ଚ ଜୋରଦାର କରାଯିବ ବୋଲି ଥାନା ଅଧିକାରୀ ବିଶ୍ୱଜିତ୍ ରାଉତରାୟ ସୂଚନା ଦେଇଛନ୍ତି।

## ଜମିଲା ହରିରାଜପୁର ପଞ୍ଚଦୋଳ ମେଳଣ

ଜଟଣୀ,୩୦।୩(ରବୀନ୍ଦ୍ର ନାଥ ମହାକୁଡ)

ଓଡ଼ିଶା ପ୍ରସିଦ୍ଧ ହରିରାଜପୁର ପଞ୍ଚଦୋଳ ମେଳଣର ଜମାଣ ଉତ୍ସବ ଶନିବାର ବିଳମ୍ବିତ ରାତ୍ରରେ ଅନୁଷ୍ଠିତ ହୋଇଯାଇଛି। ଏହି ମେଳଣ ୫ଦିନ ଧରି ହେବାକୁ ଥିବାବେଳେ ଗୋଧୂଳି ଲଗ୍ନରେ ଖୁଣ୍ଟିଲାଗି ଠାକୁରଙ୍କୁ ନେଇ ଦିଅଁ ମେଳଣ ତଥା ହରିହର ଭେଟ କରାଯାଇ ମେଳଣ ସମାପନ କରାଯିବ। ରାତି ୧ଟା ୩୦ ପରେ ଶ୍ରୀ ପଶ୍ଚିମାସମ୍ଭୁ ସୋମନାଥ ଦେବଙ୍କ ମନ୍ଦିରରେ ସମସ୍ତ ଦେବନୀତି ସମାପନ ପରେ ସୁସଜ୍ଜିତ ଦୋଳ ବିମାନରେ ପଶ୍ଚିମ ଦ୍ୱାର ଦେଇ ବାହାରକୁ ବାହାରି ଏକ ବିରାଟ ପଟୁଆରରେ ମେଳଣ ପଡ଼ିଆକୁ ଯାତ୍ରା ଆରମ୍ଭ କରିଥିଲେ। ସେହିପରି ରାଜତନ୍ତ୍ର ସମୟରେ ତତ୍କାଳୀନ ରାଜାଙ୍କ ଦ୍ୱାରା ପ୍ରତିଷ୍ଠିତ ଦେବ ବିଗ୍ରହ ବୁଢାପଡାର ଆରଧ ଶ୍ରୀ ସୋମନାଥଦେବ, ଛଣଘରର ଶ୍ରୀ ଗଡେଶ୍ୱରଦେବ, କନ୍ଥିଆ ଗ୍ରାମର ଶ୍ରୀ ବାଲୁଙ୍କେଶ୍ୱରଦେବ ଓ ଟାଙ୍ଗିଭିଁସର ଗ୍ରାମର ଶ୍ରୀ ନୀଳକଣ୍ଠେଶ୍ୱର ଦେବଙ୍କ ଦୋଳବିମାନ ମେଳଣରେ ଏକାଠି ହେଲା ପରେ ଆତସବାଜି ପ୍ରଦର୍ଶନ ହୋଇଥିଲା। ସ୍ଥାନାଧିପତି ଶ୍ରୀଶ୍ରୀ ପଶ୍ଚିମାସମ୍ଭୁ ସୋମନାଥ ଦେବ ଖୁଣ୍ଟିଲାଗି ପରେ ଆଖପାଖ ଅଞ୍ଚଳର ବିଭିନ୍ନ ଗ୍ରାମରୁ ପ୍ରାୟ ୮୫ରୁ ଊର୍ଦ୍ଧ୍ୱ ଠାକୁରଙ୍କ ଦୋଳ ବିମାନ ଏହି ମେଳଣରେ ଖୁଣ୍ଟିଲାଗି ହୋଇଥିଲେ। ରଙ୍ଗବେରଙ୍ଗର ଆଲେକମାଳା ଓ ଚିତାକର୍ଷକ ଆତସବାଜି ପ୍ରଦର୍ଶନରେ ମେଳଣ ପଡିଆ ଝଲସି ଉଠିଥିଲା। ଏଥିରେ ପୁରୀ, ବ୍ରହ୍ମପୁର, ଗଞ୍ଜାମ, କଟକ, ଖୋର୍ଦ୍ଧା, ଡେଲାଙ୍ଗ, କଣାସ ଆଦି ବିଭିନ୍ନ ଅଞ୍ଚଳରୁ ବାଣୁଆ ପ୍ରତିଯୋଗିତାରେ ଭାଗ ନେଇଥିଲେ। ପାରମ୍ପରିକ ଘୋଡ଼ାନାଚ, ନାଗାନୃତ୍ୟ, ଭଜନ କୀର୍ତ୍ତନ, ବାଦ୍ୟ ବିଚିତ୍ରା, ଘଣ୍ଟଘଣ୍ଟି, ତୁରୀ ଓ ଶଙ୍ଖ, ହରିବୋଲ, ହୁଳହୁଳି ଧ୍ୱନିରେ ମେଳଣ ପଡିଆରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ସେହିପରି ମାନସିକଧାରୀ, ଶ୍ରଦ୍ଧାଳୁଙ୍କ ପକ୍ଷରୁ ଆତସବାଜୀ ପ୍ରଦର୍ଶନ କରାଯାଇଥିଲା। ଶାନ୍ତିଶୃଙ୍ଖଳା ପାଇଁ ଡେଲାଙ୍ଗ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି।

## ଗୋରୁ ବୋଝେଇ ଗାଡ଼ି ଜବତ

କଳାପଥର,୩୦।୩(ଗଙ୍ଗାଧର ସାହୁ)



ବୈଦେଶ୍ୱର ଥାନା ପୋଲିସ ଶନିବାର ଅପରାହ୍ନରେ ଏକ ଗୋରୁ ବୋଝେଇ ଗାଡ଼ି ଜବତ କରିଛି। ସମସ୍ତ ଗୋରୁଙ୍କୁ ଥାନା ପରିସରରେ ରଖାଯାଇଥିବା ବେଳେ ଗୋଶାଳାରେ ଛଡ଼ାଯିବ ବୋଲି ଥାନା ଅଧିକାରୀ ପ୍ରିୟଦର୍ଶନ ସେଠୀ କହିଛନ୍ତି। ସୂଚନା ମୁତାବକ, ଏକ ଗୋରୁ ବୋଝେଇ ଗାଡ଼ି କଳାପଥର ଟାଉନ ଦେଇ ତିଗିରିଆ ଅଭିମୁଖେ ଯାଉଥିଲା। ଖବରପାଇ ପୋଲିସ ବୈଦେଶ୍ୱର ଟି ସେତୁ ନିକଟରେ ଉକ୍ତ ଗାଡ଼ିକୁ ଜବତ କରିଥିବା ବେଳେ ଡ୍ରାଇଭର ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଏନେଇ ପୋଲିସ ଅଧିକ ତଦନ୍ତ ଚଳାଇଛି।

## ଅଟୋ, ମୋବାଇଲ ଜବତ: ୨ ଗିରଫ

ଜଟଣୀ,୩୦।୩(ରବୀନ୍ଦ୍ରନାଥ ମହାକୁଡ଼)

ମୋବାଇଲ ଫୋନ ଲୁଟିନେବା ଅଭିଯୋଗରେ ଜଟଣୀ ଥାନା ପୋଲିସ ଦୁଇ ଜଣଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଏହି ଥାନା ଅଧୀନ ଚିନ୍ତାମଣିନଗରର ମନୋରଞ୍ଜନ ବେହେରା ଓରଫ ମନୋଜ ଓରଫ ରାଜୁ(୩୭) ଏବଂ ଶହୀଦନଗର ଥାନା ଅଧୀନ ବେହେରାସାହି ପଥରବନ୍ଧ ବସ୍ତିର ରୋହିତ ଘଡେଇ ଓରଫ ସୁମନ(୨୩)। ଏମାନଙ୍କଠାରୁ ଗୋଟିଏ ମୋବାଇଲ ଫୋନ ଏବଂ ଅଟୋ ଜବତ ହୋଇଛି। ଏନେଇ ଥାନାରେ ଏକ ମାମଲା (ନଂ.୧୩୨/୨୪) ରୁଜୁ ହୋଇଛି। ସୂଚନା ମୁତାବକ, ଗତ ୨୯ତାରିଖରେ ସୁଦର୍ଶନ ନାୟକ ଚିନ୍ତାମଣିନଗରସ୍ଥିତ ଏକ ମଠ ଠାରେ ଫୋନରେ କଥା ହେଉଥିଲେ। ଏହି ସମୟରେ ଉପରୋକ୍ତ ଦୁଇ ଅଭିଯୁକ୍ତ ଏକ ଅଟୋରେ ଆସି ସୁଦର୍ଶନଙ୍କୁ ଧକ୍କା ମାରି ମୋବାଇଲ ଛଡାଇ ନେଇ ପଳାଇଥିଲେ। ଏନେଇ ସୁଦର୍ଶନ ଥାନାରେ ଅଭିଯୋଗ କରିଥିଲେ। କୌଣସି ସୂତ୍ରରୁ ଖବରପାଇ ପୋଲିସ ସ୍ଥାନୀୟ ରେଲୱେ ଷ୍ଟେଶନ ନିକଟରେ ଚଢ଼ାଉ କରି ଦୁଇ ଅଭିଯୁକ୍ତଙ୍କୁ କାବୁ କରିବା ସହିତ ଚୋରି ମୋବାଇଲ ଏବଂ ଏକ ଅଟୋ ଜବତ କରିଥିଲା। ତେବେ ରୋହିତଙ୍କ ନାମରେ ପୂର୍ବରୁ ବିଭିନ୍ନ ଥାନାରେ ମାମଲା ରହିଛି ବୋଲିସ ପୋଲିସ କହିଛି।




ଗିରଫ ୨ ଅଭିଯୁକ୍ତ ଏବଂ ଜବତ ଅଟୋ ଓ ମୋବାଇଲ।

## ସର୍ବଭାରତୀୟ ରେଲୱେ ଟି -୨୦ ଚାମ୍ପିୟନଶିପ୍ ଉଦ୍‌ଘାଟିତ



ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ରେଳ ପ୍ରବନ୍ଧକ ଏଚ୍.ଏସ୍. ବାଜୱା ଖେଳାଳିଙ୍କ ସହ ହାତ ମିଳାଉଛନ୍ତି।

ଜଟଣୀ,୩୦।୩(ରବୀନ୍ଦ୍ରନାଥ ମହାକୁଡ଼)

ଇଷ୍ଟକୋଷ୍ଟ ରେଲୱେ ସ୍ପୋର୍ଟ୍ସ ଆସୋସିଏଶନ ଖୋର୍ଦ୍ଧା ରୋଡ୍ ଦ୍ୱାରା ଆୟୋଜିତ ୬୭ତମ ଅଲ୍ ଇଣ୍ଡିଆ ରେଲୱେ ଟି -୨୦ ପୁରୁଷ କ୍ରିକେଟ ଚାମ୍ପିୟନଶିପ୍ ରେଲୱେ ଷ୍ଟାଡିୟମରେ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ରେଳ ପ୍ରବନ୍ଧକ ଏଚ୍.ଏସ୍. ବାଜୱା ଅତିଥିଭାବେ ଯୋଗଦେଇ ଏହି ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଗୁର୍ ସିମ୍ରନ କୌର, ଅଜୟ କୁମାର ସାମଲ, ସୁଭ୍ରା ଜ୍ୟୋତି ମଣ୍ଡଳ, ଅନିଲ କୁମାର ଏସ୍, ହିମାଦ୍ରୀ ଭୂଷଣ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ଏହି ଟୁର୍ନାମେଣ୍ଟରେ ମୋଟ ୬ଟି ରେଲୱେ ଜୋନ୍ ଅଂଶଗ୍ରହଣ କରିବେ। ମୋଟ୍ ୧୫ଟି ଲିଗ୍ ମ୍ୟାଚ ଖେଳାଯିବାକୁ ଥିବା ବେଳେ ଖୋର୍ଦ୍ଧାରୋଡ୍ ରେଲୱେ ଷ୍ଟାଡିୟମ ଏବଂ ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ ପଡ଼ିଆରେ ଅନୁଷ୍ଠିତ ହେବ। ପ୍ରଥମ ଲିଗ୍ ମ୍ୟାଚ ପୂର୍ବତଟ ରେଲୱେ ଏବଂ ଦକ୍ଷିଣ ପୂର୍ବ ରେଲୱେ ଟିମ୍ ମଧ୍ୟରେ ହୋଇଥିଲା। ପୂର୍ବତଟ ରେଲୱେ ଟିମ୍ ଏହି ମ୍ୟାଚକୁ ୧୨ ରନରେ ଜିତିଥିଲା। ଇଷ୍ଟକୋଷ୍ଟ ରେଳବାଇର ଗିରିଜା ପି ରାଉତ ମ୍ୟାନ ଅଫ୍ ଦି ମ୍ୟାଚ ହୋଇଥିଲେ। ଏମ୍.ଜାକିରୁଦ୍ଦିନ ଓ ଇଷ୍ଟକୋଷ୍ଟ ରେଲୱେ ସ୍ପୋର୍ଟ୍ସ ଆସୋସିଏଶନର ସଦସ୍ୟ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

## ବୋଲଗଡ଼ ପ୍ରିମିୟର ଲିଗ୍: ରାଜା ଫାଇଟର ବିଜୟୀ

ବୋଲଗଡ଼,୩୦।୩(ଦେବବ୍ରତ ହୋତା)

ସ୍ଥାନୀୟ ପରମାନନ୍ଦ କଲେଜ ନିକଟ ଖେଳପଡ଼ିଆରେ ଚାଲିଥିବା ବୋଲଗଡ଼ ପ୍ରିମିୟର ଲିଗ୍(ବିପିଏଲ୍)ର ଦଶମ ସଂସ୍କରଣରେ ଶନିବାର ରାଜା ଫାଇଟର ଓ ରାଜା ଇଲେଭେନ ଟିମ୍ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଟସ୍ ଜିତି ରାଜା ଫାଇଟର ପ୍ରଥମେ ବ୍ୟାଟିଂକରି ନିର୍ଦ୍ଧାରିତ ୧୦ ଓଭରରେ ୪ ଉଇକେଟ ବିନିମୟରେ ୧୦୭ ରନ୍ ସଂଗ୍ରହ କରିଥିଲା। ଜବାବରେ ରାଜା ଇଲେଭେନ ୧୦ ଓଭରରେ ୭ ଉଇକେଟ ହରାଇ ୮୦ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ଫଳରେ ରାଜା ଫାଇଟର ଟିମ୍ ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ବିଜୟୀ ଟିମ୍‌ର ଖେଳାଳି ସିଦ୍ଧାନ୍ତ ଦଳେଇ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। କାଳୁ ଓ ମାନସ ମ୍ୟାଚ୍ ପରିଚାଳନା କରିଥିଲେ। ବିପିଏଲ୍ ପରିଚାଳନା କମିଟି ସଦସ୍ୟ ଗୁଡୁ, ମୋହିତ, ସାଗର, କାଳିଆ, ପିଣ୍ଟୁ, ହାପି, ସ୍ନେହାଂଶୁ ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।



ମ୍ୟାଚରେ ଯୋଗଦେଇଥିବା ଖେଳାଳିମାନେ।

# ଶୃଙ୍ଖଳିତ ଘୋଷଯାତ୍ରା ଉପରେ ଗୁରୁତ୍ୱ

**ପୁରୀ,୩୦।୩(ଅଜିତ୍ ମହାନ୍ତି):**

ଚଳିତ ବର୍ଷ ଜୁଲାଇ ୭ତାରିଖରେ ଦାରୁ ବିଗ୍ରହଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା। ଏହାପୂର୍ବରୁ ଜୁନ୨୨ରେ ଦେବସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହେବ। ତେଣୁ ମହାପ୍ରଭୁଙ୍କ ଘୋଷଯାତ୍ରାକୁ କିପରି ଶୃଙ୍ଖଳିତ ଭାବରେ କରାଯିବ ସେନେଇ ଜିଲା ପ୍ରଶାସନ ପକ୍ଷରୁ ପ୍ରଥମ ପ୍ରସ୍ତୁତି ବୈଠକ ଶନିବାର ସ୍ଥାନୀୟ ସର୍କିଟ ହାଉସ ସମ୍ମିଳନୀ ଗୃହରେ ବସିଛି। ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବବର୍ଷଗୁଡ଼ିକ ଭଳି ଚଳିତବର୍ଷ ସମସ୍ତଙ୍କ ସହଯୋଗରେ ମହାପ୍ରଭୁଙ୍କ ରଥଯାତ୍ରାକୁ ସୁନ୍ଦର ଓ ଶୃଙ୍ଖଳିତ ଭାବେ ପରିଚାଳନା କରିବାକୁ ଜିଲାପାଳ ଆହ୍ୱାନ ଦେଇଥିଲେ। ଚଳିତବର୍ଷ ନିର୍ବାଚନ ସହ ରଥଯାତ୍ରାର ପ୍ରସ୍ତୁତି କରିବାକୁ ହେବ। ତେଣୁ ପ୍ରତ୍ୟେକ ବିଭାଗ ତତ୍ପରତାର ସହ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ। ରଥକାଠ ସଂଗ୍ରହ, ରଥ ନିର୍ମାଣ, ରଥଖଳା ପରିଷ୍କାର, ରଥଯାତ୍ରା ନିମନ୍ତେ ବିଭିନ୍ନ ସାମଗ୍ରୀ ସଂଗ୍ରହ ଓ ଯୋଗାଣ, ରଥକପଡା ସଂଗ୍ରହ, ନୀତି ସମ୍ପାଦନ, ରଥଟଣା, ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ, ବିଦ୍ୟୁତ୍ ଯୋଗାଣ, ପରିବହନ ବ୍ୟବସ୍ଥା, ରାସ୍ତା ଘାଟ ମରାମତି ଓ ଉନ୍ନତୀକରଣ, ପାର୍କିଂ ସ୍ଥଳ, ଶାନ୍ତି ଶୃଙ୍ଖଳା ରକ୍ଷା, ସୂଚନା ଓ ପ୍ରସାରଣ ବ୍ୟବସ୍ଥା, ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ, ପଲ୍ଲିଶ୍ରୀ ମେଳା ଓ ପ୍ରଦର୍ଶନୀ ଆୟୋଜନ, ସ୍ୱେଚ୍ଛାସେବୀ ନିୟୋଜନ ଇତ୍ୟାଦି ସମ୍ବନ୍ଧରେ ବିସ୍ତୃତ ଆଲୋଚନା ହୋଇଥିଲା। ଏସ୍‌ପି ପିନାକ ମିଶ୍ର ରଥଯାତ୍ରା ପାଇଁ ଆଇନଶୃଙ୍ଖଳା ରକ୍ଷାର ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ଦେବା ସହ ସମସ୍ତ କାର୍ଯ୍ୟର ସଫଳତା ପାଇଁ ସମ୍ମିଳିତ ଭାବେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ ରଥକାଠର ଆବଶ୍ୟକତା, ଉପଲବ୍ଧ କାଠର ବିବରଣୀ, ଅନ୍ୟାନ୍ୟ ସାମଗ୍ରୀ ସଂଗ୍ରହ ସମ୍ପର୍କରେ ଆଲୋଚନା କରିଥିଲେ। ଶ୍ରୀମନ୍ଦିର ପରିଚାଳନା କମିଟିର ସଦସ୍ୟମାନେ ରଥଯାତ୍ରାର ସଫଳ ଆୟୋଜନ ପାଇଁ ବିବିଧ ପରାମର୍ଶ ଦେବା ସହ ପରିକ୍ରମା ପ୍ରକଳ୍ପ ପରେ ଏହା ପ୍ରଥମ ରଥଯାତ୍ରା ହୋଇ ଥିବାରୁ ବ୍ୟାପକ ଜନଗହଳିର ଆଶା ଥିବାରୁ ସେଥିପାଇଁ ବ୍ୟବସ୍ଥା ଓ ପ୍ରସ୍ତୁତ ରହିବାକୁ ପରାମର୍ଶ ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପରିଚାଳନା କମିଟିର ସଦସ୍ୟ ଅନନ୍ତ ତିଆଡ଼ି, ଦୁର୍ଗା ପ୍ରସାଦ ଦାସମହାପାତ୍ର, ମାଧବ ଚନ୍ଦ୍ର ପୂଜାପଣ୍ଡା, ଜଗନ୍ନାଥ ସିଂହାରୀ,ମାଧବ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲାପାଳ(ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲାପାଳ(ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲାପାଳ ପ୍ରୋଟୋକଲ ନୀଳମାଧବ ଭୋଇ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଉପଜିଲାପାଳ ଗୋପୀନାଥ କୁଅଁର, ପୌରନିର୍ବାହୀ ଅଧିକାରୀ ପ୍ରଜ୍ଞାଶ୍ରୀ ପ୍ରିୟମ୍ବଦା, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ରାକେଶ କୁମାର ପଣ୍ଡା, ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ସୁଜାତା ମିଶ୍ର, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ରଶ୍ମି ରଞ୍ଜନ ସାହୁ, ବିଭିନ୍ନ ବିଭାଗର ଅଧିକାରୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।


ଜିଲାପାଳଙ୍କ ଅଧ୍ୟକ୍ଷତାରେ ଶନିବାର ସର୍କିଟ ହାଉସରେ ବସିଥିବା ରଥଯାତ୍ରା ପ୍ରସ୍ତୁତିର ପ୍ରଥମ ବୈଠକ ।

**ରଥଯାତ୍ରା ପ୍ରସ୍ତୁତିର ପ୍ରଥମ ବୈଠକ**

## ସଂକ୍ଷେପରେ

### ବ୍ରାଉନସୁଗାର ସହ ୨ ଗିରଫ

**ପୁରୀ,୩୦।୩(ଅଜିତ୍ ମହାନ୍ତି)**

ବ୍ରାଉନସୁଗାର କାରବାର ଅଭିଯୋଗରେ ସଦରଥାନା ପୋଲିସ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସଦର ଥାନା ଅନ୍ତର୍ଗତ ଜଗନ୍ନାଥ ପାଟଣା ଗ୍ରାମର ନରସିଂହ ଦଳେଇ (୨୪) ଏବଂ କୁମ୍ଭାରପଡା ଥାନା ଅନ୍ତର୍ଗତ ଆଖଣ୍ଡଳମଣି ନୂଆ ସାହିର ସନାତନ ପ୍ରଧାନ (୧୯)। ଗୋରୁଆଳ ଛକ ନିକଟରୁ ପୋଲିସ ଅଭିଯୁକ୍ତଙ୍କ ନିକଟରୁ ୭ ଗ୍ରାମ ବ୍ରାଉନସୁଗାର ଜବତ କରିଛି। ଏନେଇ ପୋଲିସ ଏକ ମାମଲା(ନଂ. ୧୪୯/୨୪) ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ ଶନିବାର କୋର୍ଟଚାଲାଣ କରିଛି।

### ରୁଦ୍ରେଶ୍ୱର ମହାଦେବଙ୍କ ମେଳଣ

**ପୁରୀ,୩୦।୩(ଅଜିତ୍ ମହାନ୍ତି)**

ପୁରୀ ସଦର ବ୍ଲକ ଅନ୍ତର୍ଗତ ସମଙ୍ଗରା ଗ୍ରାମର ଅଧୀଶ୍ୱର ରୁଦ୍ରେଶ୍ୱର ମହାଦେବଙ୍କ ମେଳଣ ୩ ଦିନ ଧରି ଅନୁଷ୍ଠିତ ହୋଇଛି। ଏହି ମେଳଣର ଶେଷ ଦିନରେ ଶ୍ରୀ ଜଗନ୍ନାଥ ସଂସ୍କୃତି ସଙ୍କୀର୍ତ୍ତନ ସେବା ବିକାଶ ପରିଷଦ ପକ୍ଷରୁ ତ୍ରୟୋଦଶତମ ବାର୍ଷିକ ସଂକୀର୍ତ୍ତନ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏଥିରେ ସମଙ୍ଗରା ଶାଖାର ୬୭ଟି ସଂକୀର୍ତ୍ତନ ମଣ୍ଡଳୀ ଦିନ ତମାମ ସଂକୀର୍ତ୍ତନ ପରିବେଷଣ କରିଥିଲେ। ସଂକୀର୍ତ୍ତନରେ ଗୋପ, କୋଣାର୍କ, ଛଇତନା, ବାଲିପୁଟ, ଶିରୁଲି, ସତ୍ୟବାଦୀ ଶାଖାର ସଂକୀର୍ତ୍ତନ କଳାକାରମାନେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସଭାପତି ଦୁର୍ଯ୍ୟୋଧନ ପ୍ରଧାନ, ଜିଲା ସଭାପତି ଗଙ୍ଗାଧର ପ୍ରଧାନ, ସମ୍ପାଦକ ଲକ୍ଷ୍ମୀଧର ସ୍ୱାଇଁ, ଉପଦେଷ୍ଟା ହରିହର ଜେନା, ଉପସଭାପତି ଗଦାଧର ପ୍ରଧାନଙ୍କ ସହ ଶ୍ୟାମ ସୁନ୍ଦର ପ୍ରଧାନ, ଅର୍ଜୁନ ଜେନା, ଦେବେନ୍ଦ୍ର ପ୍ରଧାନ, କୃଷ୍ଣଚନ୍ଦ୍ର ସ୍ୱାଇଁ ଏବଂ ସମଙ୍ଗରା ଗ୍ରାମବାସୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

### ଅଶୋକ କାକଟପୁର ଓକିଲ ସଂଘ ସଭାପତି

**କାକଟପୁର,୩୦।୩(ଶୁଭଦର୍ଶନ ମିଶ୍ର):**

କାକଟପୁର ତହସିଲ ନିକଟସ୍ଥ ଓକିଲ ସଂଘ କାର୍ଯ୍ୟାଳୟରେ କାକଟପୁର ଓକିଲ ସଂଘ ପକ୍ଷରୁ ଶନିବାର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ଅଧିକାରୀ ଆଇନଜୀବୀ ହରେକୃଷ୍ଣ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବରିଷ୍ଠ ଆଇନଜୀବୀ ଅଶୋକ ଦାଶ ସଭାପତି ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସେହିପରି ଉପସଭାପତି ଭାବେ ଉମାକାନ୍ତ ମିଶ୍ର, ସମ୍ପାଦକ ନିରେନ ପ୍ରସାଦ ମହାନ୍ତି, ଯୁଗ୍ମ ସମ୍ପାଦକ କମଳଲୋଚନ ଦୀକ୍ଷିତ, ସହସମ୍ପାଦକ ପ୍ରଭାତ ଦୀକ୍ଷିତ୍ ନିର୍ବାଚିତ ହୋଇଛନ୍ତି। ପରାମର୍ଶଦାତା ଭାବେ ଆଇନଜୀବୀ ଶେଖ୍ ଅସ୍‌ରଫ୍ ଖାଁ, ପ୍ରଦୀପ୍ତ ଦଳାଇ, ଦିବ୍ୟଦର୍ଶୀ ବିଶ୍ୱାଳ, ସୌମ୍ୟକାନ୍ତ ଖୁଣ୍ଟିଆ ନିର୍ବାଚିତ ହୋଇଛନ୍ତି। ନିର୍ବାଚନରେ ମୋଟ୍ ୧୭ ଜଣ ଆଇନଜୀବୀ ସେମାନଙ୍କ ମତ ସାବ୍ୟସ୍ତ କରିଥିଲେ।

### ବ୍ରାଉନସୁଗାର ବେପାରୀ ଗିରଫ

**ଅସ୍ତରଙ୍ଗ,୩୦।୩(ମମତା ଜେନା):**

ଅସ୍ତରଙ୍ଗ ପୋଲିସ ଚଢ଼ାଉ କରି ଜଣେ ବ୍ରାଉସୁଗାର ବ୍ୟବସାୟୀଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେ ହେଲେ ସ୍ୱରାଜ ଦାସ(୨୧)। ଏନେଇ ପୋଲିସ ୬୮/୨୪ରେ ଏକ ମାମଲା ରୁଜୁ କରିଛି। ସ୍ୱରାଜ ବ୍ରାଉନସୁଗାର ବିକ୍ରି ପାଇଁ ଆସିଥିବାବେଳେ ଅସ୍ତରଙ୍ଗ ପୋଲିସ ରାଜେଶ ବଳିୟାରସିଂଙ୍କ ନେତୃତ୍ୱରେ ଏକ ସ୍ପେସାଲ ଟିମ୍ ଚଢ଼ାଉ କରି ତାଙ୍କୁ କାବୁ କରିଥିଲା।

# ଆଦିତ୍ୟ ସଭାପତି, ଦୀପକ ସାଧାରଣ ସମ୍ପାଦକ

**ପୁରୀ,୩୦।୩(ଅଜିତ୍ ମହାନ୍ତି)**

୨୦୨୪-୨୫ ବର୍ଷ ପାଇଁ ପୁରୀ ଜିଲା ଓକିଲ ସଂଘର ବିଭିନ୍ନ ପଦବୀ ନିମନ୍ତେ ଶନିବାର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏହି ନିର୍ବାଚନରେ ପୁରୀ ଜିଲା ଓକିଲ ସଂଘର ସଦସ୍ୟମାନେ ମତଦାନ କରିଥିଲେ। ସଭାପତି ପଦପାଇଁ ଆଦିତ୍ୟ ହୃଦୟ ମିଶ୍ର ଏବଂ ଭଗବାନ ମିଶ୍ର ପ୍ରତିଦ୍ୱନ୍ଦିତା କରିଥିଲେ। ସେମାନଙ୍କ ମଧ୍ୟରୁ ଆଦିତ୍ୟ ହୃଦୟ ସର୍ବାଧିକ ୪୯୫ ଖଣ୍ଡ ଭୋଟ ପାଇ ସଭାପତି ଭାବରେ ବିଜୟ ଲାଭ କରିଛନ୍ତି। ଉପ ସଭାପତି ଭାବରେ ପ୍ରଦୀପ କୁମାର ରଥ ୩୨୨ ଖଣ୍ଡ ଭୋଟ ପାଇ ନିର୍ବାଚିତ ହୋଇଛନ୍ତି। ସେହିପରି ସାଧାରଣ ସମ୍ପାଦକ ପଦ ପାଇଁ ୪ଜଣ ପ୍ରତିଦ୍ୱନ୍ଦ୍ୱିତା କରିଥିବାବେଳେ ଦୀପକ କୁମାର ଦାସ ନିର୍ବାଚିତ ହୋଇଛନ୍ତି। ସେହିପରି ଯୁଗ୍ମ ସମ୍ପାଦକ ପଦ ପାଇଁ ଯଥାକ୍ରମେ ଅମିତାଭ ମିଶ୍ର ଓ ଅସିମ୍ କୁମାର ବାନାର୍ଜୀ, ବିଚିତ୍ରାନନ୍ଦ ପଣ୍ଡା ଓ ବିଶ୍ୱଜିତ୍ ପ୍ରଧାନ, ସେମାନାଥ ରଥ ଏବଂ ସୁମିତ୍ରା ମହାନ୍ତି ପ୍ରମୁଖ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ସେଥିମଧ୍ୟରୁ ଅମିତାଭ ମିଶ୍ର, ବିଶ୍ୱଜିତ୍ ପ୍ରଧାନ ଏବଂ ସୁମିତ୍ରା ମହାନ୍ତି ଯୁଗ୍ମ ସମ୍ପାଦକ ଭାବରେ ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ଅଧିକାରୀ ଭାବେ ରଚିତା ରଥ ଦାୟିତ୍ୱ ତୁଲାଇଥିଲେ।


ପୁରୀ ଜିଲା ଓକିଲ ସଂଘର ନବ ନିର୍ବାଚିତ କର୍ମକର୍ତ୍ତା ।

# ଭାରତ ବିକାଶ ପରିଷଦ ସତ୍ୟବାଦୀ ଶାଖାର ନୂତନ କର୍ମକର୍ତ୍ତା

**ସାକ୍ଷୀଗୋପାଳ, ୩୦।୩(ଭରତ ରାଉତ):**

ଭାରତ ବିକାଶ ପରିଷଦ, ସତ୍ୟବାଦୀ ଶାଖାର ନୂତନ କର୍ମକର୍ତ୍ତା ନିର୍ବାଚନ ଶୁକ୍ରବାର ସାକ୍ଷୀଗୋପାଳ ନିକଟ ପଞ୍ଚନାୟିକିଆ ଛକସ୍ଥିତ ସାଇମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ସତ୍ୟବାଦୀ ଶାଖାର ଅଧ୍ୟକ୍ଷ ଭାବେ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ସଚିବ ଭାବେ ନବଘନ ଶତପଥୀ, ଅର୍ଥ ସଚିବ ଭାବେ ବିଜୟ କୁମାର ପରିଡା ନିର୍ବାଚିତ ହୋଇଛନ୍ତି। କ୍ଷେତ୍ରୀୟ ମହିଳା ବାଳବିକାଶ ସଚିବ ସୁପ୍ରୀତି ରଥ ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇ ନିର୍ବାଚନ ପରିଚାଳନା କରିଥିଲେ। ଭାରତ ବିକାଶ ପରିଷଦ ଓଡ଼ିଶାର ପୂର୍ବପ୍ରାନ୍ତ ଅଧ୍ୟକ୍ଷ ସତ୍ୟବାଦୀ ଦାଶ ମୁଖ୍ୟ ଅତିଥି ଏବଂ ସଚିବ ସୌମେନ୍ଦ୍ର ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମାର୍ଗଦର୍ଶନ କରିଥିଲେ। ସତ୍ୟବାଦୀ ଶାଖାର ପୃଷ୍ଠପୋଷକ ବୃନ୍ଦାବନ ରଥ, ଜୟଶ୍ରୀ ମହାପାତ୍ର ଏବଂ ସୁନାକାର ପତି ଆଗାମୀ ବର୍ଷରେ ଅଧିକ ସେବା କାର୍ଯ୍ୟ କରିବାକୁ ସମସ୍ତଙ୍କୁ ଆହ୍ୱାନ କରିଥିଲେ। ଭାରତ ବିକାଶ ପରିଷଦ, ଓଡ଼ିଶା ପୂର୍ବପ୍ରାନ୍ତ ମିଡ଼ିଆ ପ୍ରଭାରୀ ନିହାର ରଞ୍ଜନ ସ୍ୱାଇଁ, ଉପସଭାପତି ବିଷ୍ଣୁ ମହାରଣା, ସଙ୍ଗଠନ ସଚିବ ସୁନୀଲ କୁମାର ବେହେରା, ସେବା ସଚିବ ଲିଙ୍ଗରାଜ ସାହୁ, ସ୍ୱାସ୍ଥ୍ୟ ସଚିବ ଅମିୟ କୁମାର ସ୍ୱାଇଁ, ସଂସ୍କାର ସଚିବ ବିଭୁ ପ୍ରସାଦ ମହାପାତ୍ର, ମହିଳା ବାଳବିକାଶ ସଚିବ ରୀତା ତ୍ରିପାଠୀ, ଦିଗନ୍ତ ପତି, ରବୀନ୍ଦ୍ରନାଥ ଷଡ଼ଙ୍ଗୀ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ତପସ୍ୱିନୀ ଦାଶ ଧନ୍ୟବାଦ ଦେଇଥିଲେ। ପରେ ମହିଳାମାନଙ୍କ ପାଇଁ ଆୟୋଜିତ ହୁଳହୁଳି ପ୍ରତିଯୋଗିତାରେ ପିପିଲିର ପୂର୍ବତନ ବିଧାୟକ ଯୁଧିଷ୍ଠିର ସାମନ୍ତରାୟଙ୍କ କନ୍ୟା ପ୍ରିୟମ୍ବଦା ସ୍ୱାଇଁ ପ୍ରଥମ ହୋଇଥିଲେ। ଭାରତ ବିକାଶ ପରିଷଦ, ସତ୍ୟବାଦୀ ଶାଖାର ସମସ୍ତ ସଦସ୍ୟାସଦସ୍ୟ ଏହି ନିର୍ବାଚନରେ ଅଂଶଗ୍ରହଣ କରିଥିଲେ।

# ମଦ ଦୋକାନ ସ୍ଥାନାନ୍ତର ଦାବିରେ ଜିଲାପାଳଙ୍କ ଦ୍ୱାରସ୍ଥ


ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିବା ନୋଳିଆ ସାହି ବାସିନ୍ଦା ।

**ପୁରୀ,୩୦।୩(ଅଜିତ୍ ମହାନ୍ତି)**

ପୁରୀ ମ୍ୟୁନିସିପାଲିଟି ଅନ୍ତର୍ଗତ ୱାର୍ଡ ନଂ. ୧୧ ବାଲି ନୋଳିଆ ସାହିରେ ଥିବା ବିଦେଶୀ ମଦ ଦୋକାନକୁ ବନ୍ଦ ସହ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ସାହିବାସିନ୍ଦା ଶନିବାର ଜିଲାପାଳଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବାଲି ନୋଳିଆ ସାହିରେ ମତ୍ସ୍ୟଜୀବୀ ଅନେକ ବର୍ଷଧରି ପରିବାର ସହ ବସବାସ କରୁଛନ୍ତି। ତେବେ ସାହିରେ ଥିବା ମଦଦୋକାନ ପାଇଁ ସାହିବାସିନ୍ଦା ଅନେକ ସମସ୍ୟା ଭୋଗୁଛନ୍ତି। ତେଣୁ ପୂର୍ବତନ ଜିଲାପାଳଙ୍କ ସମୟରେ ଏହି ମଦ ଦୋକାନ ବନ୍ଦ ପାଇଁ ସାହିବାସିନ୍ଦା ଅନୁରୋଧ କରିଥିଲେ। ଉକ୍ତ ଦାବିକୁ ଜିଲାପାଳ ସମ୍ମତି ପ୍ରକାଶ କରି ଏହାକୁ ବନ୍ଦ ରଖିବା ପାଇଁ ଗତ ଜାନୁଆରୀ ୪ତାରିଖରେ ନିର୍ଦ୍ଦେଶ ଦେଇଥିଲେ। ହେଲେ ପରବର୍ତ୍ତୀ ସମୟରେ ଉକ୍ତ ନିର୍ଦ୍ଦେଶକୁ ଖାରଜ ପାଇଁ ମଦ ଦୋକାନୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଉଚ୍ଚ ଅଦାଲତ ଉକ୍ତ ମାମଲାର ଶୁଣାଣି କରି ଜିଲାପାଳ ଏବଂ ଅବକାରୀ ଅଧୀକ୍ଷକ ସ୍ଥିତି ଦେଖି ନିଷ୍ପତ୍ତି ନେବାକୁ କହିଛନ୍ତି। ତେବେ ଅତ୍ୟନ୍ତ ଦୁଃଖ ଏବଂ ପରିତାପର ବିଷୟ ଯେ, ପୁରୀ ଏକ ବିଶ୍ୱପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ ଅଟେ। ଏହାର ଗାରିମା ମଧ ବିଶ୍ୱ ଦରବାରରେ ଲିପିବଦ୍ଧ ହୋଇଛି। ନୋଳିଆ ସାହିର ସମସ୍ତ ପରିବାର ମାଛ ମାରି ଜୀବିକା ନିର୍ବାହ କରନ୍ତି। ଯଦି ପୁନର୍ବାର ଏଠାରେ ମଦ ଦୋକାନ ଖୋଲାଯାଏ ତାହା ନୋଳିଆ ସାହିରେ ରହୁଥିବା ମହିଳା ଏବଂ ତାଙ୍କର ପରିବାରର ସଦସ୍ୟ ଏବଂ କିଶୋରୀକିଶୋର, ଯୁବପିଢ଼ିଙ୍କ ମାନସିକ ଏବଂ ଆର୍ଥିକ ସ୍ଥିତି ଉପରେ ଗଭୀର ପ୍ରଭାବ ପକାଇବ। ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇବା ସହ ନାନା ପ୍ରକାରର ଗଣ୍ଡଗୋଳ ଏବଂ ବିଶୃଙ୍ଖଳା ବଢ଼ିବ। ତେଣୁ ଉକ୍ତ ମଦ ଦୋକାନକୁ ନୋଳିଆ ସାହିରୁ ଅନ୍ୟତ୍ର ସ୍ଥାନାନ୍ତର କରାଗଲେ ସମସ୍ତ ମତ୍ସ୍ୟଜୀବୀ ପରିବାର ଖୁସିରେ ରହିବେ ବୋଲି ଅଭିଯୋଗ ପତ୍ରରେ ଦର୍ଶାଯାଇଛି।

### ବେଆଇନ ମଦ ବିକ୍ରି ଅଭିଯୋଗରେ ଜଣେ ଗିରଫ

**କଣାସ,୩୦।୩(ବିଭୂତି ଭୂଷଣ ତ୍ରିପାଠୀ):**

କଣାସ ଥାନା ଆଇଆଇସି ରାକେଶ ତ୍ରିପାଠୀଙ୍କ ନେତୃତ୍ୱରେ ଚଢ଼ାଉ କରାଯାଇ ବେଆଇନ୍ ମଦ ବିକୁଥିବା ଜଣଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରାଯାଇଛି। ସେ ହେଲେ ଗୁଣ୍ଡିଚା ବେହେରା। ପୋଲିସ ଏନେଇ ୮୦/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, କଣାସ ବ୍ଲକ ଅଧୀନ ତ୍ରିଲୋଚନପୁର ପଞ୍ଚାୟତ ହଳଦିପଦର ଗ୍ରାମରେ ଦୀର୍ଘଦିନ ହେବ ବେଆଇନ୍ ଭାବେ ମଦ ବିକ୍ରି ହେଉଆସୁଥିଲା। ଅଭିଯୋଗ ସତ୍ତ୍ୱେ ଅବକାରୀ ବିଭାଗ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଉ ନ ଥିଲେ। ଏଥିରେ ଅତିଷ୍ଠ ହୋଇ ହୋଲି ଦିନ ଗାଁମୁଣ୍ଡରେ ମଦ ବିରୋଧରେ ମହିଳାମାନେ ଆନ୍ଦୋଳନ ଚଳାଇଥିଲେ। ଏହାକୁ ଦୃଷ୍ଟିରେ ରଖି ପୋଲିସ ଶନିବାର ଚଢ଼ାଉ କରିଥିଲା।

### ପ୍ରଧାନ ଶିକ୍ଷୟିତ୍ରୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା

**ପିପିଲି,୩୦।୩(ଦୁର୍ଗାମାଧବ ମିଶ୍ର):**

ପିପିଲି ବ୍ଲକ ଅଧୀନ ସିଉଳା ଗ୍ରାମସ୍ଥିତ ବାଲୁଙ୍କେଶ୍ୱର ଉ.ପ୍ରା. ମଧ ଇଂଲିଶ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ବନଲତା ପରିଡ଼ାଙ୍କ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା ବିଦ୍ୟାଳୟ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ନୀଳକଣ୍ଠ ନୋଡାଲ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରବୀନ୍ଦ୍ର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ସିଆର୍‌ସିସି ଚିନ୍ତାମଣି ଓଝା, ଉତ୍କଳ ସାମ୍ବାଦିକ ସଂଘ କାର୍ଯ୍ୟକାରୀ ସଭାପତି ଖବରଦାତା ପୂର୍ଣ୍ଣଚନ୍ଦ୍ର ନାୟକ, ଦୀନବନ୍ଧୁ ବେଉରିଆ, ଗୌରଚନ୍ଦ୍ର ବଡ଼ୁଆ, ଗୋବିନ୍ଦପୁର ଗ୍ରାମପଞ୍ଚାୟତ ସମିତିସଭ୍ୟା କବିତା ଖଟେଇ, ପ୍ରଧାନ ଶିକ୍ଷକ ନିମାଇଁ ଚରଣ ଆଚାର୍ଯ୍ୟ, ଶିକ୍ଷାବିତ୍ ହରିହର ପଣ୍ଡା, ରମେଶ ଚନ୍ଦ୍ର ସ୍ୱାଇଁ, କପିଳ ଚରଣ ନାୟକ, ରସାନନ୍ଦ ପରିଡ଼ା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟ ଏବଂ ଗୋବିନ୍ଦପୁର ସିଆର୍‌ସିସି କ୍ଲଷ୍ଟର ପକ୍ଷରୁ ବିଦାୟୀ ପରିଡ଼ାଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇଥିଲା।

# ଗ୍ରୀଷ୍ମରେ ଗୁଣାତ୍ମକ ବିଦ୍ୟୁତ୍‌ସେବା ଦେବାକୁ ଟିପିସିଓଡିଏଲ୍‌ର ଯୋଜନା



**ଭୁବନେଶ୍ୱର,୩୦।୩(ଅନୁରାଧା ମହାରଣା)**

ଗ୍ରୀଷ୍ମଋତୁରେ ଉପଭୋକ୍ତାଙ୍କୁ ଗୁଣାତ୍ମକ ବିଦ୍ୟୁତ ସେବା ଯୋଗାଇବା ପାଇଁ ଟିପିସିଓଡିଏଲ୍ ଭିତ୍ତିଭୂମି ବିକାଶକୁ ବିଶେଷ ଗୁରୁତ୍ୱ ଦେଉଛି। ଏହି କ୍ରମରେ ଓପିଟିସିଏଲ୍‌ର ପ୍ରତାପ ଶାସନ ଗ୍ରୀଡ୍ ସବ୍‌ଷ୍ଟେଶନରୁ ଉତ୍ତରା ପ୍ରାଇମେରୀ ସବ୍‌ଷ୍ଟେଶନ ପର୍ଯ୍ୟନ୍ତ ଦ୍ୱିତୀୟ ୩୩ କେଭିର ବିଦ୍ୟୁତ୍ ଲାଇନକୁ କାର୍ଯ୍ୟକ୍ଷମ କରାଯାଇଛି। ୨୨୦/୧୩୨/୩୩ କେଭିର ଉଭୟ ଉତ୍ତରା ୧ ଏବଂ ୨ ଫିଡର୍ ପ୍ରତାପ ଶାସନ ଗ୍ରୀଡ୍ ସବ୍‌ଷ୍ଟେଶନ ବଡ଼ଗଡ଼, ଲିଙ୍ଗିପୁର, ଉତ୍ତରା ଏବଂ ଶିଉଳା ପ୍ରାଇମେରୀ ସବ୍‌ଷ୍ଟେଶନକୁ ନିରବଚ୍ଛିନ୍ନ ୩୩ କେଭି ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରିବ। ଏହାଦ୍ୱାରା ସ୍ଥାନୀୟ ଅଞ୍ଚଳର ପ୍ରାୟ ୨୫ହଜାର ଉପଭୋକ୍ତା ଉପକୃତ ହେବା ସହିତ ରଣସିଂହପୁର ଗ୍ରୀଡ଼ ସବ୍‌ଷ୍ଟେଶନର ଲୋଡ୍ ହ୍ରାସ କରିବ। ଏହାସହିତ ଉତ୍ତରା ଓ ଶିଉଳା ପ୍ରାଇମେରୀ ସବ୍‌ଷ୍ଟେଶନର ସମସ୍ତ ଆର୍‌ଏମ୍‌ୟୁ ସ୍ୱୟଂ ଚାଳିତ କରାଯାଇଛି। ଅନ୍ୟପଟେ ବର୍ଦ୍ଧିତ ଶକ୍ତି ଚାହିଦା ପୂରଣ ପାଇଁ ଟିପିସିଓଡିଏଲ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଉଛି। ଏଥିପାଇଁ ଭୁବନେଶ୍ୱର କଳିଙ୍ଗନଗର ଅଞ୍ଚଳରେ ଥିବା ଏକ ୮ ଏମ୍‌ଭିଏ ଟ୍ରାନ୍ସଫର୍ମରକୁ ଏକ ଅତ୍ୟାଧୁନିକ ନୂତନ ଜ୍ଞାନ କୌଶଳର ୧୬ ଏମଭିଏ ଟ୍ରାନ୍ସଫର୍ମର ଜରିଆରେ ସୁଦୃଢ଼ କରାଯାଇଥିବା ସୂଚନା ଦିଆଯାଇଛି।

# ଅଗ୍ନିଶମ ବାହିନୀ ପକ୍ଷରୁ ଅଗ୍ନି ପ୍ରତିରୋଧ ମକ୍‌ଡ୍ରିଲ

**ଅସ୍ତରଙ୍ଗ,୩୦।୩(ମମତା ଜେନା):**



କାକଟପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ କାକଟପୁର ଅଗ୍ନିଶମ ବାହିନୀ ପକ୍ଷରୁ ଅଗ୍ନି ପ୍ରତିରୋଧ ପ୍ରଶିକ୍ଷଣ ବା ମକ୍‌ଡ୍ରିଲ୍ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। କାକଟପୁର ଅଗ୍ନିଶମ ବାହିନୀର ମୁଖ୍ୟ ପ୍ରହ୍ଲାଦ ରାୟ ଏହାର ନେତୃତ୍ୱ ନେଇଥିଲେ। କାର୍ଯ୍ୟକ୍ରମରେ ଉକ୍ତ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶ୍ରୀକାନ୍ତ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ବରିଷ୍ଠ ଶିକ୍ଷକ ପ୍ରତାପ ରାଉତ, ପୀତବାସ ଦୀକ୍ଷିତ, ସରୋଜିନୀ ହାଁସଦା, ଶିକ୍ଷୟିତ୍ରୀ ଗୀତାଞ୍ଜଳି ବେହେରା, ସ୍ୱପ୍ନାମୟୀ ମହାପାତ୍ର, ନିରୋଜିନୀ ସାହୁ, ସଂଘମିତ୍ରା ନାୟକ ଓ ଦିଲ୍ଲୀପ କାଣ୍ତି ପ୍ରମୁଖ ସହଯୋଗ କରିଥିଲେ। ମୁଖ୍ୟତଃ ଗ୍ରାମ ଓ ସହରାଞ୍ଚଳରେ ଅଗ୍ନି ସଂଯୋଗ ହେଲେ ଏହାର କିଭଳି ମୁକାବିଲା କରିବେ, କିଭଳି ଅଗ୍ନିକୁ ନିୟନ୍ତ୍ରଣ କରିବେ, କେଉଁ ଯନ୍ତ୍ର ବ୍ୟବହାର କରିବେ, କେଉଁ ଉପାୟରେ ସୁରକ୍ଷିତ ଭାବେ ଅଗ୍ନିକୁ ଆୟତ୍ତ କରି ନିଜକୁ ସୁରକ୍ଷିତ ରଖି ନିଜ ଅନୁଷ୍ଠାନକୁ ନିଆଁ ଦାଉରୁ ରକ୍ଷା କରିପାରିବେ ତା ଉପରେ ଉପସ୍ଥିତ ଅଗ୍ନିଶମ ବାହିନୀ କର୍ମଚାରୀ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଶିକ୍ଷକ ସଞ୍ଜିତ ସ୍ୱାଇଁ ଧନ୍ୟବାଦ କହିଥିଲେ।

# ଜିଲା ସ୍କାଉଟ୍ସ ଗାଇଡ୍ସ ପକ୍ଷରୁ ରକ୍ତଦାନ ଶିବିର

**ପୁରୀ,୩୦।୩(ଅଜିତ୍ ମହାନ୍ତି)**

ଉତ୍କଳ ଦିବସର ଅବ୍ୟବହିତ ପୂର୍ବରୁ ଶନିବାର ପୁରୀ ଜିଲା ଭାରତ ସ୍କାଉଟ ଓ ଗାଇଡ୍ସ ତରଫରୁ ଏକ ରକ୍ତଦାନ ଶିବିର ବଡ଼ଦାଣ୍ଡସ୍ଥିତ ବଳଗଣ୍ଡି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଶନିବାର ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ଭାରତ ସ୍କାଉଟ ଓ ଗାଇଡ୍ସର ଜିଲା ମୁଖ୍ୟ କମିଶନର ତଥା ଜିଲା ଶିକ୍ଷା ଅଧିକାରୀ ଦୀପକ କୁମାର ପାଢ଼ୀ, ସମ୍ମାନିତ ଅତିଥିଭାବେ ପୂର୍ବତନ ବରିଷ୍ଠ ଶିକ୍ଷାବିତ୍ ରଘୁନାଥ ମହାପାତ୍ର ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ପ୍ରାୟ ୪୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଶିକ୍ଷୟିତ୍ରୀଶିକ୍ଷକ, ସ୍ୱେଚ୍ଛାସେବୀ ଓ ଛାତ୍ରୀଛାତ୍ରମାନେ ଯୋଗଦାନ କରି ସ୍ୱେଚ୍ଛାକୃତ ଭାବରେ ରକ୍ତଦାନ କରିଥିଲେ। ରକ୍ତ ଅଭାବରୁ କାହାର ଯେପରି ପ୍ରାଣହାନୀ ନ ହୁଏ ସେଥିପାଇଁ ଯୁବପିଢ଼ିମାନେ ସ୍ୱେଚ୍ଛାକୃତ ରକ୍ତଦାନ କରିବାକୁ ଆଗେଇ ଆସିବା ପାଇଁ ଅତିଥିମାନେ ଆହ୍ୱାନ କରିଥିଲେ। ଏହି କାର୍ଯ୍ୟକ୍ରମର ଜିଲା ଅତିରିକ୍ତ ଶିକ୍ଷା ଅଧିକାରୀ ମମତା ମିଶ୍ର, ଜିଲା ସ୍କାଉଟ କମିଶନର ରମେଶ ଚନ୍ଦ୍ର ପଣ୍ଡା, ଜିଲା ଗାଇଡ୍ସ କମିଶନର ରୂପଶ୍ରୀ ଛୋଟରାୟ, ଜିଲା ସଚିବ ମହେନ୍ଦ୍ର କୁମାର ବିଶ୍ୱାଳ, ଗାଇଡ୍ସ ସାଙ୍ଗଠନିକ କମିଶନର ମିନାକ୍ଷୀ ମିଶ୍ର,ପ୍ରଧାନ ଶିକ୍ଷୟତ୍ରୀ ଅମ୍ରିତା ସାହୁ, ଗାଇଡ୍ସ କ୍ୟାପଟେନ ସସ୍ମିତା ରାଉତରାୟ, ଜିଲା ସାଂଗଠନିକ କମିଶନର ଦେବାଶିଷ ମିଶ୍ର, ଶ୍ରୀକ୍ଷେତ୍ର ସି ରୋଭର୍ ଆଣ୍ଡ ରେଞ୍ଜର ଟିମ୍‌ର ରୋଭର ଲିଡର ରାଜେନ୍ଦ୍ର ନାରାୟଣ ହରିଚନ୍ଦନ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



ଶିବିରରେ ଜଣେ ଯୁବତୀ ରକ୍ତଦାନ କରୁଛନ୍ତି ।

# ସାହିଯାତ ପାଇଁ ୮ ସାହି ଆଖଡ଼ା ସହ ଜିଲା ପ୍ରଶାସନର ବୈଠକ

**ପୁରୀ,୩୦।୩(ଅଜିତ୍ ମହାନ୍ତି)**

ଶ୍ରୀକ୍ଷେତ୍ରର ପ୍ରାଚୀନ ଓ ଅନନ୍ୟ ପରମ୍ପରା ସାହିଯାତ। ଚଳିତ ବର୍ଷ ଏପ୍ରିଲ ୧୭ତାରିଖ ପବିତ୍ର ରାମ ନବମୀଠାରୁ ସାହିଯାତ ଆରମ୍ଭ ହୋଇ ମେ' ୧ତାରିଖ ରାମାଭିଷେକ ଶେଷ ହେବ। ଶ୍ରୀକ୍ଷେତ୍ରର ପ୍ରାଚୀନ ଆଠ ସାହିର ବାସିନ୍ଦା ୬୦ଜାଗା ଘର ସୌଜନ୍ୟରୁ ୮ଆଖଡ଼ା ନେତୃତ୍ୱରେ ସାହିଯାତ ଅନୁଷ୍ଠିତ ହେବ। ତେବେ ଚଳିତ ବର୍ଷ ସାହି ଯାତକୁ ସୁପରିଚାଳନା ପାଇଁ ଆଠ ସାହି ଆଖଡ଼ାର ମୁରବିମାନଙ୍କ ସହ ଏକ ବୈଠକ ଶନିବାର ସର୍କିଟ ହାଉସ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଛି। ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଯାତ୍ରା ସମୟରେ ଯେପରି ଶାନ୍ତିଶୃଙ୍ଖଳା ରକ୍ଷା କରାଯିବା ସହ ଶୃଙ୍ଖଳିତ ଭାବରେ ଯାତ ବାହାରି ବାଦି ସାହି ପରିକ୍ରମା କରିବ ସେ ନେଇ ଆଲୋଚନା ହୋଇଥିଲା। ନିର୍ଦ୍ଧାରିତ ସମୟରେ ରାସ୍ତାଘାଟ, ଆଲୋକୀକରଣ ସହ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ଜିଲା ପ୍ରଶାସନର ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରିବା ପାଇଁ ନିଷ୍ପତ୍ତି ହୋଇଛି। ତେବେ ନିର୍ବାଚନ ଆଚରଣ ବିଧି ରହିଥିବାରୁ ନୂତନ କାର୍ଯ୍ୟ ପାଇଁ ଅନୁମତି ଅଣାଯିବ। ନିର୍ଦ୍ଧାରିତ ସମୟରେ ସମସ୍ତ କାର୍ଯ୍ୟ ଶେଷ କରାଯିବ ବୋଲି ଜିଲାପାଳ ସୂଚନା ଦେଇ କହିଛନ୍ତି। ଅପରପକ୍ଷରେ ବୈଠକ ସମ୍ପର୍କରେ ଆଠ ସାହି ଆଖଡ଼ା କମିଟି ସଦସ୍ୟ ତଥା ହରଚଣ୍ଡୀ ସାହି ଆଖଡାର ଯୁଗ୍ମ ସମ୍ପାଦକ କହିଛନ୍ତି, ଜିଲା ପ୍ରଶାସନ ସହ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଶାନ୍ତି ଶୃଙ୍ଖଳାରେ ଯେପରି ସାହିଯାତ ସମ୍ପନ୍ନ ହେବ ସେ ନେଇ ଜିଲାପାଳ ଆଲୋଚନା କଲେ। ଯାତର ୧୦ ଦିନ ପୂର୍ବରୁ ସମସ୍ତ କାର୍ଯ୍ୟ ସରିବା ପାଇଁ ପ୍ରଶାସନ ପ୍ରତିଶ୍ରୁତି ଦେଇଛି। ପ୍ରଶାସନ କରିଥିବା କମିଟିରେ ଆଠ ସାହି ଆଖଡାର ଦୁଇଜଣ ସଦସ୍ୟ ରହିଛନ୍ତି। ଆଠ ସାହିର ରାସ୍ତା, ପାଣି, ଡ୍ରେନେଜର ଆଦି କାର୍ଯ୍ୟର ସମୀକ୍ଷା କରିବା ସମୟରେ ଦୁଇ ସଦସ୍ୟଙ୍କ ସହ ଉକ୍ତ ସାହିର ମୁରବି ରହି କାର୍ଯ୍ୟର ସମୀକ୍ଷା କରିବେ। ପରମ୍ପରା ଅନୁଯାୟୀ ସାହିଯାତ କ୍ରମରେ ରାମନବମୀ ତିଥି ଅବସରରେ କାଳିକାଦେବୀ ସାହି ପକ୍ଷରୁ ରାମଜନ୍ମ ନୀତି ସମ୍ପନ୍ନ କରାଯିବ। ତେଣୁ ୧୭ ତାରିଖ ଠାରୁ ସାହି ଯାତ ଆରମ୍ଭ ହେବ। ସେହିଭଳି ୧୮ ତାରିଖରେ ହରଚଣ୍ଡୀ ସାହି ପକ୍ଷରୁ ଯଜ୍ଞ ରକ୍ଷା ନୀତି ଓ ମାଟି ମଣ୍ଡପ ସାହି ପକ୍ଷରୁ ନିଶାଣ ଶୋଭାଯାତ୍ରା ହେବ। ୧୯ ତାରିଖରେ ହରଚଣ୍ଡୀ ସାହି ପକ୍ଷରୁ ପର୍ଶୁରାମ କଳା ହରଣ ନୀତି କରାଯିବ। ୨୦ତାରିଖରେ ମାର୍କେଣ୍ଡେଶ୍ୱର ସାହି ପକ୍ଷରୁ ବନବାସ ନୀତି, ୨୨ରେ କୁଣ୍ଡେଇବେଣ୍ଟ ସାହି ପକ୍ଷରୁ ସୀତାଚୋରୀ ନୀତି, ୨୩ରେ ଦୋଳମଣ୍ଡପ ସାହି ପକ୍ଷରୁ ଲଙ୍କାପୋଡ଼ି ନୀତି, ୨୪ରେ ବାଲି ସାହି ପକ୍ଷରୁ ସେତୁ ବନ୍ଧ ପ୍ରସ୍ତାବ ନୀତି, ୨୫ରେ ବାଲି ସାହି ପକ୍ଷରୁ ରାବଣ ବଧ ପ୍ରସ୍ତାବ ନୀତି ସମ୍ପନ୍ନ କରାଯିବ। ସେହିପରି ୧ ତାରିଖରେ ଗୌଡ଼ବାଡ଼ ସାହି ପକ୍ଷରୁ ରାମାଭିଷେକ ଏବଂ ପତିଆରା ଅନୁମାନ ନୀତି ହେବା ନେଇ ସୂଚନା ମିଳିଛି।

# ଘରେ ପଶି ୧୧୨ ଗ୍ରାମ୍ ଅଳଙ୍କାର, ୯୦ ହଜାର ଲୁଟ୍

**ଖୁଣ୍ଟୁଣୀ, ୩୦।୩(ସଚ୍ଚିଦାନନ୍ଦ ପଣ୍ଡା)**

କଟକ ଜିଲା ଖୁଣ୍ଟୁଣୀ ଥାନା ଅଧୀନ ରାଜା ଆଠଗଡ଼ ଷ୍ଟେଶନ ର୍ୟାକ୍ ସାଇଡ୍‌ଠାରେ ଥିବା ସେକ୍ ମୁସ୍ତାଫିକ୍‌ଙ୍କ ଘରୁ ଶୁକ୍ରବାର ରାତିରେ ଦୁର୍ବୃତ୍ତମାନେ ୧୧୨ ଗ୍ରାମ୍ ଓଜନର ସୁନା ଅଳଙ୍କାର ଓ ୯୦ ହଜାର ଟଙ୍କା ଲୁଟି ନେଇଛନ୍ତି। ଏ ନେଇ ମୁସ୍ତାଫିକ୍ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୮୦/୨୪) ରୁଜୁ କରିଛି। ଅଭିଯୋଗ ଅନୁଯାୟୀ, ମୁସ୍ତାଫିକ୍ ଶୁକ୍ରବାର ରାତି ପ୍ରାୟ ସାଢେ ୯ଟାରେ ନମାଜ ପାଠ କରିବାକୁ ଖୁଣ୍ଟୁଣୀସ୍ଥିତ ମସ୍‌ଜିଦ୍‌କୁ ଯାଇଥିଲେ। ରାତି ପ୍ରାୟ ୧୦ଟାରେ ୩/୪ ଜଣ ଦୁର୍ବୃତ୍ତ ମୁହଁରେ ମୁଖା ପିନ୍ଧି ତାଙ୍କ ଘର ପଛପଟ ପାଚେରି ଡେଇଁ ଭିତରକୁ ଆସିଥିଲେ। ଘରର ମୁଖ୍ୟ ଦ୍ୱାରରେ ବସିଥିବା ମୁସ୍ତାଫିକ୍‌ଙ୍କ ମା’ ଅସୀମା ବିବିଙ୍କ ମୁହଁକୁ ବାନ୍ଧି ତାଙ୍କଠାରୁ ମୋବାଇଲ ଫୋନ ଛଡାଇ ନେଇଥିଲେ। ଏହାପରେ ଘର ଭିତରକୁ ଯାଇ ମୁସ୍ତାଫିକ୍‌ଙ୍କ ସ୍ତ୍ରୀ ତାରାନୁନ୍ ନିଶାଙ୍କଠାରୁ ମୋବାଇଲ ଫୋନ୍ ଛଡାଇ ନେବା ସହ ତାଙ୍କର ଓ ତାଙ୍କ ଶିଶୁପୁତ୍ରଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଗଡ୍‌ରେଜ୍ ଚାବି ମାଗିଥିଲେ। ତାରାନୁନ୍ ଚାବି ନ ଥିବା କହିବାରୁ ଦୁର୍ବୃତ୍ତମାନେ ଏକ ଶାବଳରେ ଗଡ୍‌ରେଜ୍‌କୁ ଭାଙ୍ଗି ଲକ୍କର ଭିତରୁ ଟଙ୍କା ଓ ସୁନା ଅଳଙ୍କାର ଲୁଟି ନେଇ ଫେରାର ହୋଇଯାଇଥିଲେ। ରାତି ସାଢେ ୧୦ଟା ପରେ ମୁସ୍ତାଫିକ୍ ଘରକୁ ଆସି ସମସ୍ତ ଘଟଣା ଜାଣିବାକୁ ପାଇଥିଲେ। ଏ ନେଇ ସେ ପୋଲିସକୁ ଖବର ଦେଇଥିଲେ। ଆଇଆଇସି ଭବାନୀ ଶଙ୍କର ଖୁଣ୍ଟିଆ, ଏସ୍‌ଆଇ ବିକାଶ ସେଠୀ, ଏଏସ୍‌ଆଇ ଅମ୍ବିକା ଦାସ ପହଞ୍ଚି ପ୍ରାଥମିକ ତଦନ୍ତ କରିବା ପରେ ଫେରି ଯାଇଥିଲେ। ଶନିବାର ମଧ୍ୟାହ୍ନରେ ପୁନର୍ବାର ପୋଲିସ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ବିଭିନ୍ନ ସ୍ଥାନ ବୁଲି ତଦନ୍ତ କରିଛି।


ସେକ୍ ମୁସ୍ତାଫିକ୍‌ଙ୍କ ଘରୁ ଦୁର୍ବୃତ୍ତ ଅଳଙ୍କାର, ଟଙ୍କା ଲୁଟି ନେଇଛନ୍ତି।

**ମା, ଶିଶୁପୁତ୍ର ମୁଣ୍ଡରେ ବନ୍ଧୁକ ଲଗାଇ ଭୟଭୀତ କଲେ ଦୁର୍ବୃତ୍ତ**

# ନିର୍ବାଚନ ଇସ୍ତାହାର ମତାମତ ସଂଗ୍ରହ ଅଭିଯାନ


ସାରଳା ଭବନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ବିଜୁ ଛାତ୍ର ଜନତା ଦଳର କର୍ମକର୍ତ୍ତା।

**କଟକ,୩୦।୩(ଶିଳ୍ପା ପ୍ରିୟଦର୍ଶିନୀ)**

କଟକ ଜିଲା ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ବିଜୁ ପଟ୍ଟନାୟକ ଛକସ୍ଥିତ ସାରଳା ଭବନଠାରେ ଶନିବାର ନବୀନ ଓଡ଼ିଶା ମ୍ୟାଜିକ୍ କାର୍ଡ ଓ ନିର୍ବାଚନ ଇସ୍ତାହାର ପାଇଁ ମତାମତ ସଂଗ୍ରହ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଟକ ଜିଲାର ସମସ୍ତ ବ୍ଲକ୍ ସଭାପତିଙ୍କ ନେତୃତ୍ୱରେ ବାଙ୍କୀ, ଆଠଗଡ଼, ସାଲେପୁର, ନିଆଳି, ବାରବାଟୀ-କଟକ, ଚୌଦ୍ୱାର-କଟକ, କଟକ ସଦର ଅଞ୍ଚଳରେ ଥିବା କଲେଜର ଛାତ୍ରୀଛାତ୍ର ଯୋଗଦେଇଥିଲେ। କଟକ ଜିଲା ବିଜୁ ଛାତ୍ର ଜନତା ଦଳର ସଭାପତି ଆଶିଫ୍ ଅମିନଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ ଉପସଭାପତି ବିଜୟ ବସନ୍ତିଆ ଯୋଗଦେଇ ନବୀନ ମ୍ୟାଜିକ୍ କାର୍ଡ ଯୋଗୁ ଛାତ୍ରୀଛାତ୍ରମାନେ ପାଉଥିବା ସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହ ଅନ୍ୟ କ’ଣ ସୁବିଧା ଏଥିରେ ଆବଶ୍ୟକ ବୋଲି ଛାତ୍ରୀଛାତ୍ରଙ୍କଠାରୁ ସେ ପଚାରି ବୁଝିଥିଲେ। ଏହି କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ ସନ୍ତୋଷ ମହାପାତ୍ର, ଅବିନାଶ ମହାନ୍ତି, ସମ୍ପାଦକ ସୁମନ ବେହେରା, ସସ୍ମିତ ଶ୍ରୀଚନ୍ଦନ, ଚନ୍ଦ୍ରକାନ୍ତ ସାହୁ, ଆଶାଶ୍ରୀ ସାହୁ, ନଗର ସଭାପତି ସଞ୍ଜୟ ପଟ୍ଟନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ରାଜ୍ୟ ସମ୍ପାଦକ ସଞ୍ଜୀବ ଧଳ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ଦୁର୍ଘଟଣା ଘଟାଇଥିବା ଯୁବକ ଗିରଫ

**ଚୌଦ୍ୱାର,୩୦।୩(ଆଶୁତୋଷ ଦାସ)**

ବାଇକ ଦୁର୍ଘଟଣାରେ ଜଣେ ଯୁବକଙ୍କର ଗୁରୁବାର ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ଘଟାଇଥିବା ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ପୁରୋହିତପୁର ଗ୍ରାମର ସେକ୍ କାଳିଆଙ୍କୁ ପୋଲିସ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଗତ ୨୨ ତାରିଖରେ ଆଗ୍ରାହାଟ ଦୋଳମେଳଣ ଦେଖି ସେହି ଗ୍ରାମର ଆକାଶ ପ୍ରଧାନ ସାଇକେଲ୍‌ରେ ଗ୍ରାମକୁ ଫେରୁଥିବାବେଳେ କାଳିଆ ବାଇକ୍‌ରେ ଆସି ତାଙ୍କୁ ଧକ୍କା ଦେଇଥିଲେ। ଗୁରୁତର ଅବସ୍ଥାରେ ଆକାଶଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ଥାନାରେ ଏକ ମାମଲା(ନଂ.୧୮୫/୨୪) ରୁଜୁ ହୋଇଛି।

### ସ୍ତ୍ରୀଙ୍କୁ ହତ୍ୟା କରିବା ଅଭିଯୋଗରେ ସ୍ୱାମୀ ଗିରଫ

**କଣ୍ଟାପଡା, ୩୦।୩(ସୁରନାରାୟଣ ସାହୁ)**

ସ୍ତ୍ରୀଙ୍କୁ ଶାବଳରେ ପିଟି ହତ୍ୟା କରିବା ଅଭିଯୋଗରେ ଗୋବିନ୍ଦପୁର ପୋଲିସ ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ଅଲିଙ୍ଗ ଗ୍ରାମର କୃଷ୍ଣଚନ୍ଦ୍ର ମଲ୍ଲିକ(୫୪)। ତାଙ୍କଠାରୁ ହତ୍ୟାରେ ବ୍ୟବହୃତ ଶାବଳ ଜବତ କରାଯାଇଛି। ପୋଲିସ ସୂତ୍ରରୁ ପ୍ରକାଶ, ଗତ ୨୮ ତାରିଖ ବିଳମ୍ବିତ ରାତିରେ ସ୍ତ୍ରୀ କୁମୁଦିନୀ ଓ କୃଷ୍ଣଚନ୍ଦ୍ରଙ୍କ ମଧ୍ୟରେ କୌଣସି କାରଣକୁ ନେଇ ଝଗଡା ହୋଇଥିଲା। ଏଥିରେ କୃଷ୍ଣଚନ୍ଦ୍ର ଉତ୍ତେଜିତ ହୋଇ ଏକ ଶାବଳରେ କୁମୁଦିନୀଙ୍କ ମୁଣ୍ଡକୁ ପିଟି ଦେଇଥିଲେ। ଫଳରେ ସେ ଘଟଣାସ୍ଥଳରେ ଟଳି ପଡିଥିଲେ। ପରିବାର ଲୋକେ ତାଙ୍କୁ ଅଡଶପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କୁମୁଦିନୀଙ୍କ ପୁଅ ମିଲନ ମଲ୍ଲିକ ଏନେଇ ଅଭିଯୋଗ କରିବା ପରେ ପୋଲିସ ଏକ ହତ୍ୟା ମାମଲା(ନଂ.୭୯/୨୪) ରୁଜୁ କରିଥିଲା।

### ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ

**ଚୌଦ୍ୱାର,୩୦।୩(ଆଶୁତୋଷ ଦାସ)**

ଚୌଦ୍ୱାର ପୌରପାଳିକା ଅଧୀନ ୧୭ନଂ. ୱାର୍ଡ ନୂଆସାହିରେ ଗୁରୁବାରଠାରୁ ଆରମ୍ଭ ହୋଇଥିବା ଅଷ୍ଟପ୍ରହର ନାମଯଜ୍ଞ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ବିଭିନ୍ନ ଦିବସରେ ଅହୋରାତ୍ର ନାମଯଜ୍ଞ, ହରିହାଟ, ନଗରକୀର୍ତ୍ତନ କରାଯାଇଥିଲା। ଆଖପାଖ ଗ୍ରାମର ୯ଟି ସଂକୀର୍ତ୍ତନ ମଣ୍ଡଳୀ ଏଥିରେ ଅଂଶଗ୍ରହଣ କରିଥିଲେ। ଏଥିରେ ଅତିଥି ଭାବେ ପୂର୍ବତନ ବିଧାୟକ ସୌଭିକ୍ ବିଶ୍ୱାଳ, କାଉନ୍‌ସିଲର ଆଶୁତୋଷ ଦାସ, ମହିଳା ସଭାନେତ୍ରୀ କବିତାରାଣୀ ଲେଙ୍କା ଯୋଗଦେଇଥିଲେ। ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ରବୀନ୍ଦ୍ର ମଲ୍ଲିକ, ଭାନୁପ୍ରତାପ ମଲ୍ଲିକ, ବିଜୟ କେତନ ମଲ୍ଲିକ, ସୁବାସ ଚନ୍ଦ୍ର ବାରିକ, ତପସ୍ୱିନୀ ମଲ୍ଲିକ, ଜଳପ୍ରଭା ମଲ୍ଲିକ, ସୁଶାନ୍ତ ଲେଙ୍କାଙ୍କ ସମେତ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ମହିଳାମାନଙ୍କ ଦ୍ୱାରା ସାମୂହିକ ଭଗବତ ପଠନ କାର୍ଯ୍ୟକ୍ରମ ହୋଇଥିଲା।



କଟକ କଳାବିକାଶ କେନ୍ଦ୍ର ପ୍ରେକ୍ଷାଳୟରେ ଶନିବାର କଟକ କଳାବିକାଶ କେନ୍ଦ୍ର ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ପରିବେଷିତ ଓଡ଼ିଶୀ ନୃତ୍ୟ।

# ‘ପାଠ ପଢ଼ି ଭଲ ମଣିଷ ହୁଅନ୍ତୁ ଛାତ୍ରୀଛାତ୍ର’

**ତୁଳସୀପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ**

**କଟକ,୩୦।୩ (କାର୍ତ୍ତିକ ସାହୁ)**

କଟକ ତୁଳସୀପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ବିଶ୍ୱନାଥ ରଥ ଯୋଗଦେଇ ଛାତ୍ରୀଛାତ୍ରମାନେ ପାଠ ପଢ଼ି ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଶିକ୍ଷା ବିକାଶ ସମିତିର ସମ୍ପାଦକ ଡ. ସରୋଜ କୁମାର ହାତୀ, ସମ୍ମାନିତ ଅତିଥି ପ୍ରଫେସର ଡା. ଜୟନ୍ତ କୁମାର ପଣ୍ଡା ଓ ଶିଳ୍ପପତି ପୁରୁଷୋତ୍ତମ ଲାଲ କାଣ୍ଡୋଇ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଆଶୀର୍ବଚନ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ନାରାୟଣ ଷଡଙ୍ଗୀ ସ୍ୱାଗତ ଭାଷଣ ଦେଇଥିଲେ। ବିଦ୍ୟାଳୟର ସଭାପତି ପ୍ରଫେସର ଡ. ଦୀନେଶ ପ୍ରସାଦ ପଟ୍ଟନାୟକ ଓ ଯୁକ୍ତ ୨ ବିଜ୍ଞାନ ବିଭାଗର ସମ୍ପାଦକ ଶରତ କୁମାର ଦାସ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଗତ ଶିକ୍ଷାବର୍ଷରେ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ୯୦%ରୁ ଅଧିକ ନମ୍ବର ରଖିଥିବା ଏବଂ ବିଭିନ୍ନ ପ୍ରବେଶିକା ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ ବାର୍ଷିକ ମୁଖପତ୍ର ‘ତୁଳସୀ’ ଉନ୍ମୋଚିତ ହୋଇଥିଲା। ସହ ପ୍ରଧାନ ଆଚାର୍ଯ୍ୟ ଚିତ୍ତରଞ୍ଜନ ଭୁକ୍ତା ବିବରଣୀ ପାଠ ଓ ଯୁକ୍ତ ୨ ବିଜ୍ଞାନ ବିଭାଗର ଅଧ୍ୟକ୍ଷ ଡ. ହୃଷୀକେଶ ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ।

# ବାର୍ ଆସୋସିଏଶନ କର୍ମକର୍ତ୍ତା ନିର୍ବାଚନ

**କଟକ,୩୦।୩(କାର୍ତ୍ତିକ ସାହୁ)**

ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନର କର୍ମକର୍ତ୍ତା ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ଭାବେ ଆଇନଜୀବୀ ବିଜୟ କୁମାର ଦାସ ନିର୍ବାଚିତ ହୋଇଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ୨୦୦ରୁ ଅଧିକ ଭୋଟ୍‌ରେ ବିଜୟୀ ହୋଇଛନ୍ତି। ସେହିପରି ହାଇକୋର୍ଟ ବାର୍ ଆସୋସିଏଶନର ଉପସଭାପତି ଭାବେ ଆଇନଜୀବୀ କରୁଣାକର ରଥ ଏବଂ ସମ୍ପାଦକ ଭାବେ ଆଇନଜୀବୀ ରଞ୍ଜନ କୁମାର ନାୟକ ନିର୍ବାଚିତ ହୋଇଛନ୍ତି।

କଟକ ବାର୍ ଆସୋସିଏଶନର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ଭାବେ ନାରାୟଣ ପ୍ରସାଦ ପରିଜା, ସମ୍ପାଦକ ଅଶୋକ କୁମାର ଜେନା ନିର୍ବାଚିତ ହୋଇଛନ୍ତି। କ୍ରିମିନାଲ କୋର୍ଟସ୍ ବାର୍ ଆସୋସିଏଶନର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ସଭାପତି ଭାବେ ଶରତ ଚନ୍ଦ୍ର ପ୍ରଧାନ ଓ ସମ୍ପାଦକ ଭାବେ ତାପସ କୁମାର ନାୟକ ନିର୍ବାଚିତ ହୋଇଛନ୍ତି। ଶନିବାର ସକାଳ ୮ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ ଜାରି ରହିଥିଲା।

ମୋଟର ଭେହିକିଲ(ଏମ୍‌ଭି) ଲୟର୍ସ ଆସୋସିଏଶନର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ଭାବେ ଜିତେନ୍ଦ୍ର ମହାନ୍ତି, ଉପସଭାପତି ଜ୍ୟୋତିରଞ୍ଜନ ମହାନ୍ତି, ସମ୍ପାଦକ ବିଜୟ କୁମାର ମହାନ୍ତି, ଯୁଗ୍ମ ସମ୍ପାଦକ ରଶ୍ମିରଞ୍ଜନ ଦାସ ଓ ଲିଟୁ ପ୍ରଧାନ, କୋଷାଧ୍ୟକ୍ଷ ଜ୍ଞାନରଞ୍ଜନ ପାଲ ଏବଂ ପାଠାଗାର ସମ୍ପାଦକ ଭାବେ ଚିତ୍ତରଞ୍ଜନ ଧଳ ନିର୍ବାଚିତ ହୋଇଛନ୍ତି। ଏଥିସହ କାର୍ଯ୍ୟକାରୀ ସଦସ୍ୟ ଭାବେ ରାଜେଶ ପ୍ରସାଦ ଭଗତ, ସିଦ୍ଧାର୍ଥ ଶଙ୍କର ଘୋଷ, ସୁବ୍ରତ କୁମାର ନାୟକ, ଚୌଧୁରୀ ଅମରେଶ ମିଶ୍ର, ଜିତେନ୍ଦୁ ମହାନ୍ତି, ସୁଧାଂଶୁ ଶେଖର ପ୍ରଧାନ ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ଅଧିକାରୀ ଭାବେ ଆସୋସିଏଶନର ବରିଷ୍ଠ ସଦସ୍ୟ ଅନିରୁଦ୍ଧ ନାୟକ ନିର୍ବାଚନ ପରିଚାଳନା କରିଥିଲେ।

ଦି କଟକ ଟ୍ୟାକ୍ସ ବାର୍ ଆସୋସିଏଶନର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ସଭାପତି ଭାବେ ପ୍ରଶାନ୍ତ କୁମାର ମିଶ୍ର, ଉପସଭାପତି କୌସ୍ତୁଭ ଚୌଧୁରୀ, ସମ୍ପାଦକ ସୌମ୍ୟଶିବ ମହାନ୍ତି, ଯୁଗ୍ମ ସମ୍ପାଦକ ଶୁଭାନନ୍ଦ ମହାନ୍ତି, କୋଷାଧ୍ୟକ୍ଷ ସତ୍ୟବ୍ରତ ତ୍ରିପାଠୀ ଏବଂ କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ଗୀତାଞ୍ଜଳି ଦାସ, ଜିତେନ୍ଦ୍ର କୁମାର ଜେନା, ପିଙ୍କୁଶ୍ରୀ ତ୍ରିପାଠୀ, କିଶୋର କୁମାର ସ୍ୱାଇଁ, ରଘୁନାଥ ସାହୁ ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ଅଧିକାରୀ ଭାବେ ନଟବର ପଣ୍ଡା ଓ ସହକାରୀ ନିର୍ବାଚନ ଅଧିକାରୀ ଭାବେ ନୀରୋଦ କୁମାର ପାଲ୍ ନିର୍ବାଚନ ପରିଚାଳନା କରିଥିଲେ।


ଆଠଗଡ଼ ଓକିଲ ସଂଘର ନିର୍ବାଚିତ କର୍ମକର୍ତ୍ତା।

## ବାଙ୍କୀ ଓକିଲ ସଂଘ: କୈଳାସ ସଭାପତି, ଶୁଭାଶିଷ ସମ୍ପାଦକ

**ବାଙ୍କୀ,(ଜ୍ଞାନେନ୍ଦ୍ର ମୋହନ ମିଶ୍ର):** ବାଙ୍କୀ ଓକିଲ ସଂଘ ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଆଇନଜୀବୀ କୈଳାସ ଚନ୍ଦ୍ର ମହାପାତ୍ର ଏଥିରେ ସଭାପତି ଭାବରେ ନିର୍ବାଚିତ ହୋଇଛନ୍ତି। କୈଳାସ ଚନ୍ଦ୍ର ମହାପାତ୍ର ୬୫ ଖଣ୍ଡ ଭୋଟ ପାଇ ନିର୍ବାଚିତ ହୋଇଥିବାବେଳେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଧୀରେନ୍ କୁମାର ମଙ୍ଗରାଜ ୪୬ ଖଣ୍ଡ ପାଇଥିଲେ। ଅନ୍ୟତମ ପ୍ରାର୍ଥୀ ସଂଗ୍ରାମ କେଶରୀ ବେହେରା ମାତ୍ର ଖଣ୍ଡେ ଭୋଟ ପାଇଥିବା ବେଳେ ୩ ଭୋଟ୍ ନାକଚ ହୋଇଥିଲା। ଏହାଛଡ଼ା ସନ୍ତୋଷ କୁମାର ରଣା ଉପସଭାପତି, ଶୁଭାଶିଷ ମହାପାତ୍ର ସମ୍ପାଦକ, ଜୟପ୍ରକାଶ ମିଶ୍ର ସହ ସମ୍ପାଦକ, ପ୍ରଦୀପ କୁମାର ମିଶ୍ର କୋଷାଧ୍ୟକ୍ଷ, ପ୍ରଦୀପ କୁମାର ମହାପାତ୍ର ଗ୍ରନ୍ଥାଗାରିକଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ।

## ନରସିଂହପୁର ଓକିଲ ସଂଘ: ନିର୍ମଳେନ୍ଦୁ ସଭାପତି, ଅମିୟ ସମ୍ପାଦକ

**ନରସିଂହପୁର,(ନିରଞ୍ଜନ ଦେବକୁମାର):** ନରସିଂହପୁର ଓକିଲ ସଂଘର ନିର୍ବାଚନରେ ସଭାପତି ପଦବୀରେ ବରିଷ୍ଠ ଆଇନଜୀବୀ ସରୋଜ କୁମାର ସାହୁ ଓ ଆଇନଜୀବୀ ନିର୍ମଳେନ୍ଦୁ ମିଶ୍ରଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଏଥିରେ ନିର୍ମଳେନ୍ଦୁ ମାତ୍ର ଗୋଟିଏ ଭୋଟରେ ଆଗୁଆ ହୋଇ ବିଜୟୀ ହୋଇଥିଲେ। ସେହିଭଳି ଉପସଭାପତି ପଦରେ ଗୋଲଖ ସାହୁଙ୍କୁ ହରାଇ ଆଇନଜୀବୀ ମାନ ବେହେରା ବିଜୟୀ ହୋଇଥିଲେ। ସମ୍ପାଦକ ପଦବୀରେ ସୁରେଶ କୁମାର ମହାନ୍ତିଙ୍କୁ ହରାଇ ଅମିୟ ରଞ୍ଜନ ପଣ୍ଡା ବିଜୟୀ ହୋଇଥିଲେ। ଅପ୍ରତିଦ୍ୱନ୍ଦ୍ୱୀ ଭାବେ ସହ ସମ୍ପାଦକ ପଦରେ ଆଇନଜୀବୀ ଦେବଦତ୍ତ ମଳୟ କୁମାର ବରାଳ ଓ ଗ୍ରନ୍ଥାଗାରିକଭାବେ ଆଶ୍ୱିନୀ କୁମାର ରଣା ନିର୍ବାଚିତ ହୋଇଥିବାବେଳେ କୋଷାଧ୍ୟକ୍ଷ ପଦବୀରେ କେହି ପ୍ରାର୍ଥିପତ୍ର ଦାଖଲ କରି ନ ଥିବା ନିର୍ବାଚନ ଅଧିକାରୀ ଅଶୋକ କୁମାର ଶତପଥୀ କହିଛନ୍ତି।

## ଆଠଗଡ଼ ଓକିଲ ସଂଘ: ସତ୍ୟେନ ସଭାପତି, ବନବିହାରୀ ସମ୍ପାଦକ

**ଆଠଗଡ,(ସତ୍ୟ ପ୍ରସାଦ ରଥ):** ଆଠଗଡ ବିଚାର ବିଭାଗୀୟ ଅଦାଲତ ପରିସରରେ ଅନୁଷ୍ଠିତ ନିର୍ବାଚନରେ ସଭାପତି ଭାବେ ସତ୍ୟେନ ପଣ୍ଡା ବିଜୟୀ ହୋଇଥିବା ବେଳେ ଲଗାତର ୭ମ ଥର ପାଇଁ ସମ୍ପାଦକ ଭାବେ ବନବିହାରୀ ସାହୁ ବିଜୟୀ ହୋଇଛନ୍ତି। ସେହିପରି ଉପସଭାପତି ପଦରେ ସୁବାସ ଚନ୍ଦ୍ର ସାହୁ, ଯୁଗ୍ମ ସମ୍ପାଦକ ଭାବେ ସୁପ୍ରଭା ଦୋରା ବିଜୟୀ ହୋଇଛନ୍ତି। ପୂର୍ବରୁ ସହସମ୍ପାଦକ ଭାବେ ଶ୍ରୀନିବାସ ଦାସ, କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଦୀପାଳି ଦାଶ, ବିରଞ୍ଚିନାରାୟଣ ମହାପାତ୍ର ନିର୍ବାଚିତ ହୋଇଥିଲେ।

## ବଡ଼ମ୍ବା ଓକିଲ ସଂଘ: ସନ୍ତୋଷ ସଭାପତି, ମନୋଜ ସମ୍ପାଦକ

**ବଡ଼ମ୍ବା,(ମାୟାଧର ମଲ୍ଲିକ):** ବଡ଼ମ୍ବା ଓକିଲ ସଂଘ ନିର୍ବାଚନରେ ସମସ୍ତ କର୍ମକର୍ତ୍ତା ଅପ୍ରତିଦ୍ୱନ୍ଦ୍ୱୀ ଭାବେ ନିର୍ବାଚିତ ହୋଇଛନ୍ତି। ସଭାପତି ଭାବେ ସଂଘର ବରିଷ୍ଠ ଓକିଲ ସନ୍ତୋଷ କୁମାର ପଟ୍ଟନାୟକ, ଉପସଭାପତି ଦିଲୀପ କୁମାର ସାମନ୍ତ, ସମ୍ପାଦକ ମନୋଜ କୁମାର ପଣ୍ଡା, ସହ ସମ୍ପାଦକ ଶ୍ରୀଧର ମହାନ୍ତି, ଗ୍ରନ୍ଥାଗାରିକ ସୁଦାମ ଚାରଣ ନାୟକ ଓ କୋଷାଧ୍ୟକ୍ଷଭାବେ ସଞ୍ଜୁଲତା ଦେଇ ପ୍ରମୁଖ ନିର୍ବାଚିତ ହୋଇଛନ୍ତି। ସେହିପରି କାର୍ଯ୍ୟକାରୀ ସଦସ୍ୟ ଭାବେ ଲକ୍ଷ୍ମୀପ୍ରିୟା ପାଳ, ପ୍ରଭାତ ରଞ୍ଜନ ବଳିୟାରସିଂହ, ବିନନ୍ଦ୍ୟଯଶ ବନତାନନ୍ଦ ଆଚାର୍ଯ୍ୟ ଓ ଶିଶିର କୁମାର ପଲେଇ ପ୍ରମୁଖ ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ଅଧିକାରୀଭାବେ ଆଇନଜୀବୀ ଅଜିତ ପ୍ରସାଦ ଚୌଧୁରୀ ନିର୍ବାଚନ ପରିଚାଳନା କରିଥିଲେ।


ବଡ଼ମ୍ବା ଓକିଲ ସଂଘର ନବନିର୍ବାଚିତ କର୍ମକର୍ତ୍ତା।

**| ହାଇକୋର୍ଟ ବାର୍ ଆସୋସିଏଶନ |**


ବିଜୟ କୁମାର ଦାସ


ରଞ୍ଜନ କୁମାର ନାୟକ

**| କଟକ ବାର୍ ଆସୋସିଏଶନ |**


ନାରାୟଣ ପ୍ରସାଦ ପରିଜା


ଅଶୋକ କୁମାର ଜେନା

**| କ୍ରିମିନାଲ କୋର୍ଟସ୍ ବାର୍ ଆସୋସିଏଶନ |**


ଶରତ ଚନ୍ଦ୍ର ପ୍ରଧାନ


ତାପସ କୁମାର ନାୟକ

**| ବାଙ୍କୀ ବାର୍ ଆସୋସିଏଶନ |**


କୈଳାସ ଚନ୍ଦ୍ର ମହାପାତ୍ର


ଶୁଭାଶିଷ ମହାପାତ୍ର

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୩୦।୦୩।୨୦୨୪

| | |
|---|---|
| ୫,୪୩, ୫୧୬ ଟଙ୍କା | |
| ସୁନା | ୨୮.୭୦୦ ଗ୍ରାମ୍ |
| ରୁପା | ୪.୭୫୦ ଗ୍ରାମ୍ |

# ସୋସିଆଲ ମିଡିଆ ଆୟର ତଦନ୍ତ କରିବ ଇଡି

### ବନ୍ୟପ୍ରାଣୀଙ୍କ ସହ ଭିଡିଓ ପୋଷ୍ଟ

■ ଗିରଫ ଅଭିଯୁକ୍ତମାନଙ୍କ ବେଆଇନ ସମ୍ପତ୍ତି ବାଜ୍ୟାପ୍ତ ହେବ

ଭୁବନେଶ୍ୱର, ୩୦।୩(ଅସମାପିକା ସାହୁ)

ସଂରକ୍ଷିତ ବନ୍ୟପ୍ରାଣୀଙ୍କୁ ଧରି ବେଆଇନ ଭିଡିଓ ପୋଷ୍ଟ କରି ସୋସିଆଲ ମିଡିଆ କମ୍ପାନୀଙ୍କଠାରୁ ମୋଟା ଅଙ୍କର ଟଙ୍କା ରୋଜଗାର କରିଥିବା ବ୍ୟକ୍ତିଙ୍କ ସମ୍ପତ୍ତିର ତଦନ୍ତ କରିବ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)। ଏଥିପାଇଁ ଖୁବ୍‌ଶୀଘ୍ର ଇଡିକୁ ରାଜ୍ୟ ବନ୍ୟପ୍ରାଣୀ କାର୍ଯ୍ୟାଳୟ ପକ୍ଷରୁ ଚିଠି ଲେଖାଯିବ। ଏ ସମ୍ପର୍କରେ ସୂଚନା ଦେଇ ଶନିବାର ବନ୍ୟପ୍ରାଣୀ ପିସିସିଏଫ୍ ସୁଶାନ୍ତ ନନ୍ଦ କହିଛନ୍ତି, ଯେଉଁମାନଙ୍କୁ ଆମେ ଗିରଫ କରିଛୁ, ସେମାନଙ୍କର ୟୁଟ୍ୟୁବ୍, ଫେସ୍‌ବୁକ୍ ଆଦି ସୋସିଆଲ ମିଡିଆରେ ଲକ୍ଷାଧିକ ସବ୍‌ସ୍କ୍ରାଇବର ଓ ଫଲୋୟର ଥିବାରୁ ମୋଟା ଅଙ୍କର ଟଙ୍କା ଦେଣନେଣ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ସେଥିପାଇଁ ଉପଯୁକ୍ତ ତଦନ୍ତକାରୀ ସଂସ୍ଥା ଦ୍ୱାରା ସମସ୍ତ ଆର୍ଥିକ କାରବାରର ତଦନ୍ତ ହେବା ଜରୁରୀ। ତେଣୁ ଆମେ ସେସବୁ ମାମଲା ତଦନ୍ତ କରିବା ପାଇଁ ଇଡିକୁ ଦାୟିତ୍ୱ ଦେବୁ ବୋଲି ନନ୍ଦ କହିଛନ୍ତି। ସୂଚନାଯୋଗ୍ୟ, ଓଡ଼ିଶାରେ ଅନେକ ଲୋକ ପ୍ରସିଦ୍ଧ ହେବା ଆଶାରେ ହେଉ ବା ଟଙ୍କା ରୋଜଗାର କରିବା ନିଶାରେ ବନ୍ୟପ୍ରାଣୀଙ୍କୁ ଧରି ଫଟୋ ଉଠାଇ ଭିଡିଓ କରି ବିଭିନ୍ନ ସୋସିଆଲ ମିଡିଆରେ ପୋଷ୍ଟ କରି ଆସୁଥିଲେ। ଗତ ୧୫ ତାରିଖରେ ଏହାକୁ ବେଆଇନ ଘୋଷଣା କରି ରାଜ୍ୟ ବନ୍ୟପ୍ରାଣୀ କାର୍ଯ୍ୟାଳୟ ଏହା ଉପରେ ନିଷେଧାଜ୍ଞା ଜାରି କରିଥିଲା। ଜୀବନ୍ତ ବନ୍ୟପ୍ରାଣୀଙ୍କୁ ଧରି ଫଟୋ/ଭିଡିଓ କଲେ ବନ୍ୟପ୍ରାଣୀ(ସଂରକ୍ଷଣ) ଆଇନ ୧୯୭୨ର ଦଫା ୯ ଲଗାଇ ମାମଲା କୋର୍ଟକୁ ପଠେଇବା ପାଇଁ ଆଦେଶ ଦେଇଥିଲେ। ତେବେ ମାଙ୍କଡ଼, ସାପ ଆଦି ବନ୍ୟପ୍ରାଣୀଙ୍କୁ ଧରି ଭିଡିଓରୁ ଲକ୍ଷାଧିକ ଟଙ୍କା ରୋଜଗାର କରି ଆସୁଥିବା କେତେଜଣ ଲୋକ ଉକ୍ତ ଆଦେଶକୁ ଅମାନ୍ୟ କରି ସେଭଳି ବେଆଇନ ଭିଡିଓ ଶୁଟିଂ କରି ସୋସିଆଲ ମିଡିଆରେ ପୋଷ୍ଟ କରିବା ଜାରି ରଖିଥିଲେ। ଏହାପରେ ବନ ବିଭାଗ ଆକ୍ସନ ମୋଡକୁ ଆସିଥିଲା। ପ୍ରଥମେ ଭଦ୍ରକରେ ସାପ ଧରାଳି ମିର୍ଜା ଅରିଫ ଏବଂ ତା'ପରେ ଯାଜପୁରର ମୋନାଲିସା ଭଦ୍ର ଓ ତାଙ୍କ ସ୍ୱାମୀ ବଦ୍ରି ନାରାୟଣ ଭଦ୍ରଙ୍କୁ ଗିରଫ କରିଥିଲା। ଏଥିସହ ରାଜ୍ୟ ବନ ବିଭାଗର ଚିଠି ପରେ ୟୁଟ୍ୟୁବ୍ କମ୍ପାନୀ ମିର୍ଜାର ଆକାଉଣ୍ଟକୁ ଡିଲିଟ୍ କରିଦେଇଥିବା ଜଣାପଡିଛି। ଅନ୍ୟପକ୍ଷରେ ଓଡ଼ିଶାରେ ଯେଉଁମାନେ ବନ୍ୟପ୍ରାଣୀଙ୍କୁ ଧରି ଭିଡିଓ କରି ବେଆଇନ ଟଙ୍କା ରୋଜଗାର କରିଛନ୍ତି, ସେମାନଙ୍କ ବିରୋଧରେ ପିଏମଏଲଏ(PMLA, ୨୦୦୨) ଆଇନ ଅନୁଯାୟୀ ମାମଲା ରୁଜୁ କରିବା ପାଇଁ ୱାଇଲ୍ଡଲାଇଫ ସୋସାଇଟି ଅଫ୍ ଓଡ଼ିଶା(ଡବ୍ଲ୍ୟୁଏସ୍‌ଓ) ସମ୍ପାଦକ ବିଶ୍ୱଜିତ ମହାନ୍ତି ପିସିସିଏଫ୍‌ଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି। ବନ୍ୟପ୍ରାଣୀ (ସାପ/ମାଙ୍କଡ଼ ଆଦି)ଙ୍କ ଭିଡିଓରୁ ଆକାଉଣ୍ଟଧାରୀଙ୍କ ପାଖକୁ ବିପୁଳ ଟଙ୍କା ଆସିଥାଏ। ଏହିକ୍ରମରେ ଗିରଫ ହୋଇଥିବା ୩ଜଣଙ୍କ ସୋସିଆଲ ମିଡିଆ ଆୟର ତଦନ୍ତ କରିବା ସହ ବେଆଇନ ସମ୍ପତ୍ତିକୁ ବାଜ୍ୟାପ୍ତି କରିବାକୁ ସେ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି। ଯେଉଁମାନେ, ସାପ/ମାଙ୍କଡ଼ ଆଦି ଭିଡିଓକୁ ଡିଲିଟ କରି ଦେଇଛନ୍ତି, ସେ ଆକାଉଣ୍ଟ ମଧ୍ୟ ଇଡି ତଦନ୍ତ କରିବା ଜରୁରୀ। କାରଣ ସେମାନେ ଅପରାଧ କରିଛନ୍ତି। ଭିଡିଓ ଡିଲିଟ୍ କଲେ କ'ଣ ଅପରାଧ ଲୁଚିଯିବ କି ବୋଲି ମହାନ୍ତି ପ୍ରଶ୍ନ କରିଛନ୍ତି।

# କାର୍ ଧକ୍କାରେ ଶ୍ରମିକଙ୍କ ମୃତ୍ୟୁ

### ବିଧାୟକଙ୍କ କମ୍ପାନୀ ଗାଡ଼ି ଜବତ

**ଭୁବନେଶ୍ୱର,୩୦।୩ (ସୂର୍ଯ୍ୟକାନ୍ତ ବେହେରା):** କାର ଧକ୍କାରେ ଜଣେ ଶ୍ରମିକଙ୍କ ଜୀବନ ଚାଲିଯାଇଛି। ଶହୀଦନଗର ଥାନା ଅନ୍ତର୍ଗତ ପଣ୍ଡା ପାର୍କ ନିକଟରେ ଏଭଳି ଦୁଃଖଦ ଘଟଣା ଶୁକ୍ରବାର ସନ୍ଧ୍ୟାରେ ଘଟିଛି। ମୃତକ ହେଲେ ଯାଜପୁର ଜିଲା ବିଞ୍ଝାରପୁର ସୁନାପାଳ ଅଞ୍ଚଳର ଦିଲୀପ ପରିଡ଼ା। ଖବର ପାଇ ପୋଲିସ ଦୁର୍ଘଟଣା ଘଟାଇଥିବା କାର୍‌କୁ ଜବତ କରିବା ସହ ଡ୍ରାଇଭରଙ୍କୁ ଅଟକ ରଖି ପଚରାଉଚରା କରି ଘଟଣାର ଅଧିକ ତଦନ୍ତ ଚଳାଇଛି। ତେବେ ଓଡି ୩୩ ଏକ୬୮୮୮ ନମ୍ବରବିଶିଷ୍ଟ ଉକ୍ତ କାର୍‌ଟି ଏକ ଘରୋଇ କମ୍ପାନୀ ନାଁରେ ରହିଥିବାବେଳେ କମ୍ପାନୀଟି କଟକର ଜଣେ ବିଧାୟକଙ୍କର ବୋଲି ସୂଚନା ମିଳିଛି। ତେବେ ଗାଡି କିଏ ଚଳାଉଥିଲେ ସେନେଇ ମଧ୍ୟ ଯାଞ୍ଚ କରୁଛି ପୋଲିସ।

# ବଲିଉଡ୍ କଳାକାରଙ୍କ ସହ ଝୁମିଲେ ଶ୍ରୋତା

ଭୁବନେଶ୍ୱର,୩୦।୩
(ଶର୍ମିଷ୍ଠା ପାଣିଗ୍ରାହୀ)

ମତୁଆଲା କଲେ ବଲିଉଡ୍ କଳାକାର। ବଲିଉଡ୍ ରାପର ବାଦଶାହା, ଇକ୍କା ସିଂ, କଣ୍ଠଶିଳ୍ପୀ ନୀତି ମୋହନ, ଅଭିନେତା ତଥା ଡିଜେ ଓ ମ୍ୟୁଜିକ ପ୍ରଯୋଜକ ଅଲ୍ଲୀ ମର୍ଚାଣ୍ଟ ସନ୍ଧ୍ୟାକୁ ରଙ୍ଗିନ କରିଥିଲେ। 'ଲିଭିଙ୍ଗ ଇଟ୍ ଲାର୍ଜ' ଉତ୍ସାହକୁ ପାଳନ କରି ସିଗ୍ରାମ୍ ରୟାଲ ଷ୍ଟାଗ୍ ପକ୍ଷରୁ ସଙ୍ଗୀତ ମହୋତ୍ସବ ରୟାଲ ଷ୍ଟାଗ୍ ବୁମ୍‌ବକ୍ସର ୨ୟ ସଂସ୍କରଣ ଭୁବନେଶ୍ୱର ବରମୁଣ୍ଡା ଗ୍ରାଉଣ୍ଡରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଯେଉଁଥିରେ ବଲିଉଡ୍‌ର ସର୍ବାଧିକ ଲୋକପ୍ରିୟ ସଙ୍ଗୀତଗୁଡିକ ହିଟ୍‌ର ବିଟ୍ ସହ ଉପସ୍ଥିତ ଲୋକଙ୍କୁ ମନୋରଞ୍ଜନ ଯୋଗାଇଥିଲା। ଏହି ମ୍ୟୁଜିକାଲ ୟୁଥ୍ ଏନ୍‌ଗେଜ୍‌ମେଣ୍ଟ ପ୍ଲାଟ୍‌ଫର୍ମରେ ସଂସ୍କୃତି, ବାଣିଜ୍ୟ, ଖାଦ୍ୟ ଏବଂ ଗୋଟିଏ ଛାତ ତଳେ ଉପଭୋଗ କରିବା ପାଇଁ ୧୦ ହଜାରରୁ ଊର୍ଦ୍ଧ୍ୱ ଦର୍ଶକ ବଲିଉଡ୍ କଳାକାରଙ୍କ ଗହଣରେ ଝୁମିଥିଲେ। ଅଲ୍ଲି ମର୍ଚାଣ୍ଟ ମଞ୍ଚକୁ ଆସ ନିଜର ଚମତ୍କାର ମାଶପ ସହିତ ମହୋତ୍ସବକୁ ଔପଚାରିକ ଭାବେ ଆରମ୍ଭ କରିଥିଲେ। ପରେ ହିପ୍-ହପ୍ କଳାକାର ଇକ୍କା ଦର୍ଶକଙ୍କୁ ନିଜର ରାପ୍ ସହ ରୋମାଞ୍ଚିତ କରିଥିଲେ। ଏହାପରେ ଗାୟିକା ନୀତି ମୋହନ ଦର୍ଶକଙ୍କୁ ସୁନ୍ଦର କଣ୍ଠରେ ଆକର୍ଷିତ କରିଥିଲେ। ଶେଷ ଆକର୍ଷଣ ସାଜିଥିଲା ବାଦଶାହା। ବାଦ୍‌ଶାହା ଷ୍ଟେଜ୍‌କୁ ଆସିବା ମାତ୍ରେ ହିଁ ଶ୍ରୋତାଙ୍କ ମଧ୍ୟରେ କ୍ରେଜ୍ ବଢ଼ିଥିଲା। ଉପସ୍ଥିତ ଶ୍ରୋତା ମନଭରି ଏହି ବଲିଉଡ ନାଇଟ୍‌କୁ ଉପଭୋଗ କରିଥିଲେ।



ବଲିଉଡ୍ କଣ୍ଠଶିଳ୍ପୀ ନୀତି ମୋହନ ସଙ୍ଗୀତ ପରିବେଷଣ କରୁଛନ୍ତି।

# ୨ ବ୍ରାଉନ୍‌ସୁଗାର ବେପାରୀ ଗିରଫ

**କାକଟପୁର,୩୦।୩(ଶୁଭଦର୍ଶନ ମିଶ୍ର):** କାକଟପୁର ଥାନା ଆଇଆଇସି ବିଜୟ କେତନ ବେହେରାଙ୍କ ନିର୍ଦ୍ଦେଶକ୍ରମେ ଗଠିତ ଟିମ୍ ଚଢ଼ାଉ କରି ବ୍ରାଉନ୍‌ସୁଗାର ବିକ୍ରି କରିବା ଅଭିଯୋଗରେ ୨ଜଣଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ନିଶାନ ସାହୁ (ମିଲୁ) ଏବଂ ପି. ମିହିର କୁମାର। ପୋଲିସ ତାଙ୍କଠାରୁ ୮ ଗ୍ରାମ୍‌ର ବ୍ରାଉନ୍‌ସୁଗାର ସହ ନଗଦ ୧୩୦୦ ଟଙ୍କା ଓ ପୁଡ଼ିଆରେ ବ୍ୟବହୃତ ହେଉଥିବା ସାମଗ୍ରୀ ଜବତ କରିଛି। ଜବତ ବ୍ରାଉନ୍‌ସୁଗାରର ମୂଲ୍ୟ ୮୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଅନୁମାନ କରାଯାଉଛି। ଏନେଇ ପୋଲିସ ଏନ୍‌ଡିପିଏସ୍ ଆକ୍ଟରେ ୭୯/୨୪ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ଚଢ଼ାଉରେ ସବ୍‌ଇନ୍‌ସ୍ପେକ୍ଟର ଅତସୀ ଜେନା, ଏସ୍‌ଆଇ ପ୍ରମୋଦ ସେଠୀ, କନ୍‌ଷ୍ଟେବଲ ଅଜିତ୍ ବେହେରା, ବବୃମୋହନ ମହାନ୍ତି, ହୋମ୍‌ଗାର୍ଡ କମାଣ୍ଡର ହୃଦାନନ୍ଦ ମିଶ୍ର ପ୍ରମୁଖ ସାମିଲ ଥିଲେ।

# ପ୍ରସୂତିଙ୍କ ଗର୍ଭରୁ କଢ଼ାହେଲା ଦେଢ଼ କେଜିର ଟ୍ୟୁମର

### ସମ୍ ହସ୍ପିଟାଲ ଫୁଲନଖରା କ୍ୟାମ୍ପସରେ ଜଟିଳ ଅସ୍ତ୍ରୋପଚାର

ଭୁବନେଶ୍ୱର, ୩୦।୩
(ଅସମାପିକା ସାହୁ)

ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସ୍ ଆଣ୍ଡ୍ ସମ୍ ହସ୍ପିଟାଲର ଫୁଲନଖରାସ୍ଥିତ କ୍ୟାମ୍ପସରେ ଏକ ସଫଳ ଜଟିଳ ଅସ୍ତ୍ରୋପଚାର ହୋଇଯାଇଛି। ଡାକ୍ତରୀ ଟିମ୍ ଜଣେ ଗର୍ଭବତୀଙ୍କ ଗର୍ଭରୁ ଦେଢ଼ କିଲୋ ଓଜନର ଟ୍ୟୁମର ବାହାର କରିବାରେ ସଫଳ ହୋଇଛନ୍ତି। ଏହି ଟ୍ୟୁମର ବାହାର କରିବା ସହ ସଫଳ ପ୍ରସବ ଦ୍ୱାରା ଉଭୟ ମା' ଏବଂ ଶିଶୁ ପୁତ୍ରର ଜୀବନ ରକ୍ଷା ହୋଇପାରିଛି। ଗଙ୍ଗପଡ଼ା ଅଞ୍ଚଳର ରୂପାଲୀ ମାର୍ଥା ନାମକ ଜଣେ ଗର୍ଭବତୀଙ୍କ ଶରୀରରେ ଟ୍ୟୁମର ରହିଥିବା ଜାଣି ପ୍ରସବ ନିମନ୍ତେ ଆଇଏମ୍‌ଏସ୍ ଫୁଲନଖରା କ୍ୟାମ୍ପସ ସ୍ଥିତ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ପ୍ରସୂତି ଓ ଶିଶୁର ଜୀବନ ରକ୍ଷା କରିବା ନିମନ୍ତେ ସ୍ତ୍ରୀ ଓ ପ୍ରସୂତି ବିଭାଗର ସର୍ଜନ ଡା. ସ୍ମୃତିଶ୍ରୀ ସାହୁଙ୍କ ନେତୃତ୍ୱରେ ଏହି ଅସ୍ତ୍ରୋପଚାର କରାଯାଇଥିଲା। ମା' ଓ ଶିଶୁର ଜୀବନ ରକ୍ଷା କରିଥିବା ହସ୍ପିଟାଲର ଡାକ୍ତର ଓ ଟିମ୍ ସଦସ୍ୟଙ୍କୁ ମହିଳାଙ୍କ ପରିବାର କୃତଜ୍ଞତା ଜଣାଇଛନ୍ତି। ଏହି ସଫଳ ଅସ୍ତ୍ରୋପଚାର ସମ୍ପନ୍ନ କରିବାରେ ଆଇଏମଏସ୍ ଫୁଲନଖରା କ୍ୟାମ୍ପସ୍‌ର ଡିନ୍ ପ୍ରଫେସର (ଡାକ୍ତର) ଅରକ୍ଷିତ ସ୍ୱାଇଁ, ମେଡିକାଲ୍ ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ରାଜେଶ ଲେଙ୍କା, ଫାର୍ମାକୋଲୋଜି ବିଭାଗର ଡା. ସିଦ୍ଧାର୍ଥ ଗୌତମ, ଶିଶୁରୋଗ ବିଭାଗର ଡା. ସୌମ୍ୟରଞ୍ଜନ ସାମଲ, ଆନେସ୍ଥେସିଆ ବିଭାଗର ଡା. ପ୍ରଜ୍ଞା ନନ୍ଦ, ଡେପୁଟି ନର୍ସିଂ ସୁପରିଣ୍ଟେଣ୍ଡେଣ୍ଟ କମଳିନୀ ମଲ୍ଲିକ୍, ଓଟି ସହାୟିକା ଲିପ୍ସା ରାଣୀ ଓଝା, ପ୍ରିୟଙ୍କା ସ୍ୱାଇଁ ଏବଂ ଫାର୍ମାସିଷ୍ଟ ଶୁଭଙ୍କର ମହାପାତ୍ର ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।




# ମୋ ବସ୍ ଧକ୍କାରେ ପର୍ଯ୍ୟଟକ ଆହତ

ବାରଙ୍ଗ,୩୦।୩(ଲିଙ୍ଗରାଜ ରାଉତ)

ମୋ ବସ୍ ଚାଳକଙ୍କ ବେପୁରିଆ ଗାଡ଼ି ଚାଳନା ଯୋଗୁ ନନ୍ଦନକାନନ ପ୍ରାଣୀଉଦ୍ୟାନକୁ ବୁଲିବାକୁ ଆସିଥିବା ଜଣେ ପର୍ଯ୍ୟଟକ ଶନିବାର ଦୁର୍ଘଟଣାର ଶିକାର ହୋଇଛନ୍ତି। ପର୍ଯ୍ୟଟକ ଜଣକ ହେଲେ କୋଲକାତାର ମନୀଷ ଚୋହ୍ୱାନ। ପ୍ରକାଶ ଯେ, ମନୀଷ ଏକ ସ୍କୁଟି ଯୋଗେ ତାଙ୍କ ସାଙ୍ଗ ସହିତ ନନ୍ଦନକାନନ ବୁଲିବାକୁ ଆସିଥିଲେ। ଟିକେଟ କଥା ବୁଝିବାକୁ ତାଙ୍କ ସାଙ୍ଗ ଯାଇଥିବାବେଳେ ମନୀଷ ପାର୍କିଂ ସାମ୍ନାରେ ଗାଡ଼ି ଉପରେ ବସିଥିଲେ। ଭୁବନେଶ୍ୱରରୁ ନନ୍ଦନକାନନ ଅଭିମୁଖେ ଯାଉଥିବା ମୋ ବସ୍ ଦ୍ରୁତ ଗତିରେ ଆସି ମନୀଷଙ୍କ ଗାଡ଼ିକୁ ଧକ୍କା ଦେଇଥିଲା। ପାଖରେ ଥିବା କିଛି ଲୋକ ପାଟି କରିବାରୁ ମୋ ବସ୍ ଚାଳକ ଗାଡ଼ିକୁ ଅଟକାଇଥିଲେ। ଫଳରେ ମୃତ୍ୟୁ ମୁଖରୁ ମନୀଷ ଅଳ୍ପକେ ବର୍ତ୍ତିଯାଇଛନ୍ତି।

# ପଶ୍ଚିମ ଦ୍ୱାରରେ ପୁରୀବାସୀଙ୍କ ଦର୍ଶନ ପାଇଁ ହେବ ସ୍ୱତନ୍ତ୍ର ବ୍ୟାରିକେଡ୍

ପୁରୀ,୨୯।୩(ଅଜିତ୍ ମହାନ୍ତି)

ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିରକୁ ଆସୁଥିବା ଭକ୍ତମାନଙ୍କ ସମସ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଶ୍ରୀମନ୍ଦିର ପ୍ରଶାସନ ଓ ଜିଲା ପ୍ରଶାସନର ଦୂରଦୃଷ୍ଟି ଅଭାବ କାରଣରୁ ସ୍ଥାନୀୟ ଭକ୍ତଙ୍କ ସହ ରାଜ୍ୟ ତଥା ରାଜ୍ୟ ବାହାରୁ ଆସୁଥିବା ଭକ୍ତମାନେ ମହାପ୍ରଭୁଙ୍କ ଦର୍ଶନ କରିବାରେ ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି। ଶୁକ୍ରବାର ଛୁଟିଦିନ ଥିବାରୁ ମହାପ୍ରଭୁଙ୍କ ଦର୍ଶନ କରିବାକୁ ପୁରୀରେ ପ୍ରବଳ ଗହଳି ହୋଇଥିବାବେଳେ ଭକ୍ତମାନେ ଶ୍ରୀମନ୍ଦିର ପଶ୍ଚିମ ଦ୍ୱାର ଦେଇ ପ୍ରବେଶ କରିବାକୁ ଚେଷ୍ଟା କରିଥିଲେ। ପଶ୍ଚିମ ଦ୍ୱାରଦେଇ କେବଳ ପୁରୀବାସୀଙ୍କ ପାଇଁ ବ୍ୟବସ୍ଥା କରାଯାଇଥିବାବେଳେ ସେବାୟତମାନେ ସେମାନଙ୍କ ଜଜମାନ ଓ ଯାତ୍ରୀଙ୍କୁ ନେଇ ମଧ୍ୟ ଯାଉଛନ୍ତି। ଏହାଦେଖି ଅନ୍ୟ ଭକ୍ତମାନେ ମଧ୍ୟ ପଶ୍ଚିମ ଦ୍ୱାରଦେଇ ପ୍ରବେଶ କରିବାକୁ ଚାହିଁଥିଲେ। ଫଳରେ ଠେଲାପେଲା ପରିସ୍ଥିତି ଦେଖିବାକୁ ମିଳିଥିଲା। ଶନିବାର ମଧ୍ୟ ସମାନ ସ୍ଥିତି ଦେଖିବାକୁ ମିଳିଛି। ଶହ ଶହ ଭକ୍ତ ପଶ୍ଚିମ ଦ୍ୱାର ଦେଇ ପ୍ରବେଶ କରିବାକୁ ଚେଷ୍ଟା କରିଥିଲେ। ଯାହାକୁ ନେଇ ସେବାୟତ ଓ ପୁରୀବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଭକ୍ତମାନଙ୍କ ଏପରି ଗହଳି କାରଣରୁ ପୁରୀବାସୀ ପଶ୍ଚିମଦ୍ୱାର ଦେଇ ପ୍ରବେଶ କରି ପାରୁନାହାନ୍ତି। ତେଣୁ ବିକଳ୍ପ ବ୍ୟବସ୍ଥା କରିବା ପାଇଁ ଦାବି କରାଯାଇଛି। ଏନେଇ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି, ମହାପ୍ରଭୁଙ୍କ ଦର୍ଶନ କରିବା ପାଇଁ ବହୁ ସଂଖ୍ୟାରେ ଭକ୍ତ ପୁରୀକୁ ଆସୁଛନ୍ତି। ଭକ୍ତମାନଙ୍କ ଦର୍ଶନ ସୁବିଧା ହିଁ ପ୍ରଶାସନର ପ୍ରଥମ ଉଦ୍ଦେଶ୍ୟ। ଭକ୍ତମାନଙ୍କଠାରୁ ଯାହାସବୁ ଫିଡ୍‌ବ୍ୟାକ ମିଳୁଛି ସେହି ଅନୁସାରେ ଶ୍ରୀମନ୍ଦିର ପ୍ରଶାସନ ସହ ଆଲୋଚନା କରାଯାଇ ପଦକ୍ଷପ ଗ୍ରହଣ କରାଯିବ। ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବା ସମ୍ପର୍କରେ ଆଲୋଚନା କରାଯିବା ପରେ ପରିଚାଳନା କମିଟିରେ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯିବ କହି ନିଜ ଉପରୁ ଦୋଷ ଛଡ଼ାଇବାକୁ ଚେଷ୍ଟା କରିଥିଲେ। ତେବେ ଏସମ୍ପର୍କରେ ଏସପି ପିନାକ ମିଶ୍ର କହିଛନ୍ତି, ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବା ସମ୍ପର୍କରେ ଜିଲା ପ୍ରଶାସନ, ଶ୍ରୀମନ୍ଦିର ପ୍ରଶାସନ, ମନ୍ଦିର କମିଟି ଏବଂ ସରକାର ଆଲୋଚନା କରି ନିଷ୍ପତ୍ତି ନେବେ। ଏସମ୍ପର୍କରେ ସେ କୌଣସି ନିଷ୍ପତ୍ତି ନେଇ ପାରିବେ ନାହିଁ। ତେବେ ଶ୍ରୀମନ୍ଦିର ପଶ୍ଚିମଦ୍ୱାରରେ ଭକ୍ତଙ୍କ ଗହଳି ହେଉଥିବା ନେଇ ଅଭିଯୋଗ ହେଉଛି। ରବିବାରଠାରୁ ପୋଲିସ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟାରିକେଡ ବ୍ୟବସ୍ଥା କରାଯିବ, ଭକ୍ତଙ୍କ ସୁବିଧା ପାଇଁ ଶେଡ୍ ନିର୍ମାଣ , ପାଣି ବ୍ୟବସ୍ଥା ସହ ଅନ୍ୟାନ୍ୟ ବ୍ୟବସ୍ଥା ପାଇଁ ଜିଲା ପ୍ରଶାସନକୁ କୁହାଯାଇଛି। ପୁରୀବାସିନ୍ଦା ଓ ସେବାୟତମାନେ ଯେପରି ପଶ୍ଚିମଦ୍ୱାର ଦେଇ ସୁବିଧାରେ ଯିବେ ଓ ଭକ୍ତମାନେ ଯେପରି ଗହଳି ନ କରିବେ ସେ ନେଇ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା ଗ୍ରହଣ କରାଯାଉଛି ବୋଲି ଏସ୍‌ପି ମିଶ୍ର କହିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ପୁରୀବାସୀଙ୍କ ପାଇଁ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଭାବରେ ବ୍ୟାରିକେଡ କରାଯିବ। ଏଥିରେ ପୁରୀବାସୀ ନିଜର ପରିଚୟପତ୍ର ଦେଖାଇ ପଶ୍ଚିମ ଦ୍ୱାର ଦେଇ ପ୍ରବେଶ କରି ଶ୍ରୀମନ୍ଦିରକୁ ଯିବେ।



ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ନୀଳମାଧବ



@ ପିଣ୍ଟୁ



@ ମାନସୀ



@ ସତ୍ୟବ୍ରତ



@ ବିଭୂତି

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ନିଶା ମହାରଣାଙ୍କ ନାମରେ ମହିଳା ଥାନାରେ ଏତଲା

ଭୁବନେଶ୍ୱର,୩୦।୩
(ସୂର୍ଯ୍ୟକାନ୍ତ ବେହେରା)

ଚର୍ଚ୍ଚାରେ ଥିବା ନୃତ୍ୟ କଳାକାର ନିଶା ମହାରଣାଙ୍କ ନାଁରେ ମହିଳା ଥାନାରେ ଏତଲା ଦେଇଛି ମହିଳା କଂଗ୍ରେସ। ନିଶା ହୋଲିରେ କଂଗ୍ରେସ ଭବନ ମଧ୍ୟକୁ ପଶି କର୍ମୀଙ୍କୁ ଦୁର୍ବ୍ୟବହାର କରିବା ସହ ସୋସିଆଲ ମିଡିଆରେ କଂଗ୍ରେସ ମହିଳା କର୍ମୀଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ ଓ ହତ୍ୟା ଧମକ ଦେବା ଆଦି ଦେଇଥିବା ନେଇ ଅଭିଯୋଗ କରାଯାଇଛି। ଏତଲା ଅନୁସାରେ, ଗତ ହୋଲିରେ ନିଶା ନିଶାସକ୍ତ ଅବସ୍ଥାରେ କଂଗ୍ରେସ ଭବନ ମଧ୍ୟକୁ ପଶି କର୍ମୀଙ୍କୁ ହୋଲି ମାରିବା ସହିତ ଦୁର୍ବ୍ୟବହାର କରିଥିଲେ। ଏହାକୁ ନେଇ କଂଗ୍ରେସ କର୍ମୀମାନେ ତାଙ୍କୁ କଂଗ୍ରେସ ଭବନରୁ ବାହାର କରିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ନିଶା ମହାରଣା କଂଗ୍ରେସ ମହିଳା କର୍ମୀଙ୍କୁ ସୋସିଆଲ ମିଡିଆରେ ଅସଭ୍ୟ ଭାଷାରେ ଗାଳି କରିବା ସହିତ ହତ୍ୟା ଧମକ ଦେଉଥିବା ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ନିଶା ମଧ୍ୟ ମହିଳା ଥାନାରେ ଅଭିଯୋଗ କରିଛନ୍ତି। କଂଗ୍ରେସ ଭବନରେ ତାଙ୍କୁ ଦୁର୍ବ୍ୟବହାର କରାଯାଇଥିବା ନେଇ ସେ ତାଙ୍କ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି। ଉଭୟ ପକ୍ଷରୁ ଥାନାରେ ହୋଇଥିବା ୨ଟି ଅଭିଯୋଗ ଆଧାରରେ ଘଟଣାର ତଦନ୍ତ ଚାଲିଛି। ତଦନ୍ତ ସରିବା ପରେ ଯାହାକିଛି ପଦକ୍ଷେପ ନିଆଯିବ ବୋଲି ଥାନା ଅଧିକାରିଣୀ ରୀନା ମିଶ୍ର କହିଛନ୍ତି।



ନିଶା ମହାରଣାଙ୍କ ନାଁରେ ମହିଳା କଂଗ୍ରେସ ପକ୍ଷରୁ ଏତଲା ଦିଆଯାଇଛି।

